## ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ

ଆଳି,(ଡି.ଏନ.ଏ.): ଗତ ମଙ୍ଗଳବାର ରାତିରେ ଆଳି ନୂଆବଜାରରେ ଥିବା ଏକ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି । ମିଳିଥିବା ସୂଚନା ମୁତାବକ କାସିମ ଖାଁ ସବୁଦିନ ପରି ଘଟଣାଦିନ ରାତିରେ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ରାତି ପ୍ରାୟ ୧୧.୩୦ ସମୟରେ ବଜାରରେ ପାଟ୍ରୋଲିଂ କରୁଥିବା ଥାନା ହୋମଗାର୍ଡଙ୍କଠାରୁ ତାଙ୍କ ଦୋକାନରେ ନିଆଁ ଲାଗିଥିବା ଖବର ପାଇଥିଲେ । ସେ ଦୋକାନ ଖୋଲିବା ପରେ ସମସ୍ତ ସାମଗ୍ରୀ ଜଳୁଥିବା ଦେଖି ଥିଲେ । ଆଳି ଅଗ୍ନିଶମ କର୍ମଚାରାମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହେଲେ କୌଣସି ସାମଗ୍ରୀ ଉଦ୍ଧାର ହୋଇ ପାରି ନ ଥିଲା ।

### ସଂକ୍ଷେପରେ

## କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

**କେନ୍ଦ୍ରାପଡ଼ା ଅଫିସ,୧୧।୮:** କେନ୍ଦ୍ରାପଡ଼ା ଜିଲା ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ ସହର ନିକଟ ଗରାପୁରସ୍ଥ କଲ୍ୟାଣମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ବିନ୍ଦୁସାଗର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ସମସ୍ୟା ଓ ସମାଧାନ ସହିତ ସଙ୍ଗଠନର ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ରାଜ୍ୟ ସଭାପତି ଇରାଶିଷ ମହାନ୍ତି, ସମ୍ପାଦକ ଡ. ପ୍ରକାଶ ଦଲାଇ, ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ସୁନାକର ବେହେରା, ବିଜୟ ପ୍ରଧାନ, ଯୁବମୋର୍ଚ୍ଚା କର୍ମକର୍ତ୍ତା ଅମୃତରଞ୍ଜନ ସ୍ୱାଇଁ, ଅଭିମନ୍ୟୁ ଗୋଚ୍ଛାୟତ, ପ୍ରୀତେଶ ବହିଦାର ପ୍ରମୁଖ ଯୋଗ ଦେଇଥିଲେ । ବକ୍ତାମାନେ କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ, କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରସଙ୍ଗ ଉଠାଇବା ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁ ନ ଥିବା ଦର୍ଶାଇଥିଲେ । ସେହିପରି ସଙ୍ଗଠକୁ ସୁଦୃଢ଼ୀକରଣ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ । ଏହାକୁ ଯୁବମୋର୍ଚ୍ଚାର କର୍ମକର୍ତ୍ତା ପରିଚାଳନା କରିଥିଲେ ।

### ତୁଡ଼େଶ୍ୱର ନଦୀବନ୍ଧ ସୁରକ୍ଷା କମିଟି ବୈଠକ

## ବନ୍ଧର ସୁରକ୍ଷା ପାଇଁ ୧୬ରେ ଜିଲାପାଳଙ୍କୁ ସ୍ମାରକପତ୍ର




**ନାଉଗାଁ,୧୧।୮(ସ୍ୱ.ପ୍ର.):** ନଉଗାଁ ବ୍ଲକ ଗଜରାଜପୁରସ୍ଥିତ ରାଧାମାଧବ ମନ୍ଦିର ପରିସରରେ ବୁଧବାର ତୁଡ଼େଶ୍ୱର ନଦୀବନ୍ଧ ସୁରକ୍ଷା କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଆର୍ତ୍ତତ୍ରାଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତୁଡ଼େଶ୍ୱର ନଦୀବନ୍ଧ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଦେବୀ ନଦୀର ତୁଡ଼େଶ୍ୱରଠାରେ ନିର୍ମାଣ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ସ୍ଥାନୀୟ ଲୋକ ବିରୋଧ କରୁଥିଲେ। ପ୍ରଶାସନ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ସୁରକ୍ଷା କମିଟିର ସଦସ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବନ୍ଧର ସୁରକ୍ଷା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଉକ୍ତ ମେଗା ପ୍ରକଳ୍ପ କାର୍ଯ୍ୟ ଚାଲିଛି। କିନ୍ତୁ ପ୍ରଶାସନ ପକ୍ଷରୁ ବନ୍ଧ ସୁରକ୍ଷା ପାଇଁ ଯେଉଁ ପ୍ରତିଶ୍ରୁତି ଦିଆଯାଇଛି ତାହା ଏ ପର୍ଯ୍ୟନ୍ତ ପାଳନ କରାଯାଇନାହିଁ। ଫଳରେ ନଦୀରେ ବନ୍ୟା ଆସିଲେ ଉକ୍ତ ବ୍ଲକର ୧୫ ପଞ୍ଚାୟତ, ବାଲିକୁଦା ବ୍ଲକର ୧୦, ଜଗତ୍‌ସିଂହପୁର ବ୍ଲକର ୫ ପଞ୍ଚାୟତର ଜନସାଧାରଣ କ୍ଷତିଗ୍ରସ୍ତ ହେବେ। ବନ୍ୟା ଆସିଲେ ମେଗା ପାନୀୟ ଜଳ ନିର୍ମାଣ ସ୍ଥାନରେ ବନ୍ଧ ଭାଙ୍ଗିବାର ଆଶଙ୍କା ରହିଛି। ତେଣୁ ବନ୍ଧର ସୁରକ୍ଷା ପାଇଁ ଆସନ୍ତା ୧୬ତାରିଖରେ କମିଟିର ସଦସ୍ୟମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ଏଥିରେ ରବୀନ୍ଦ୍ର ପାଢ଼ୀ, ଅଶୋକ ସ୍ୱାଇଁ, ରଞ୍ଜିତ ଜେନା, ସୁବାସ ସ୍ୱାଇଁ, ଅଜିତ ପଟ୍ଟନାୟକ, ଦୁର୍ଗା ଚରଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ନୂଆ ରୂପ ନେବ ୧୦୦ ବିଦ୍ୟାଳୟ






ରାଜନଗର ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକର ପ୍ରବେଶ ପଥ ଓ ଶ୍ରେଣୀଗୃହ ରଙ୍ଗ ଦିଆଯିବା ସହ ଶିକ୍ଷଣୀୟ ତଥ୍ୟ ଲେଖାଯାଇଛି।

**ରାଜନଗର, ୧୧।୮ (ଡି.ଏନ.ଏ.)**

### ରାଜନଗର ବ୍ଲକ

- ୩୦ ବିଦ୍ୟାଳୟର ସରିଲାଣି କାମ
- ରଙ୍ଗ ବେରଙ୍ଗରେ ଶୋଭା ପାଉଛି ଶ୍ରେଣୀ ଗୃହ ଓ ଶୌଚାଳୟ

ସରକାରୀ ବିଦ୍ୟାଳୟଗୁଡ଼ିକୁ ନୂଆ ରୂପ ଦିଆଯାଉଛି। ପୂର୍ବରୁ ସରକାରୀ ବିଦ୍ୟାଳୟଗୁଡ଼ିକର ପରିବେଶ ଅପରିଷ୍କାର ହୋଇ ରହୁଥିଲା। ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରମାନେ ତଳେ ବସୁଥିଲେ। ବେସରକାରୀ ବିଦ୍ୟାଳୟଗୁଡ଼ିକର ଚାକଚକ୍ୟ ଦେଖି ଛାତ୍ରୀଛାତ୍ରମାନେ ଆକୃଷ୍ଟ ହେଉଥିଲେ। ମାତ୍ର ଏବେ ରାଜନଗର ବ୍ଲକରେ ବେସରକାରୀ ବିଦ୍ୟାଳୟଠାରୁ ସରକାରୀ ବିଦ୍ୟାଳୟର ପରିବେଶ ଅଧିକ ଝଲସୁଛି। କୋମଳମତି ଶିଶୁମାନେ ଯେପରି ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ ସେ ଆଧାରରେ ଭିତ୍ତିଭୂମି ବିକାଶ କରାଯାଉଛି। ବିଦ୍ୟାଳୟ ପରିବେଶ ସମ୍ପୂର୍ଣ୍ଣ ପରିଚ୍ଛନ୍ନ ସହ ରାସ୍ତା, ଶ୍ରେଣୀ ଗୃହକୁ ନୂଆ ରୂପରେ ସଜା ଯାଉଛି। ବିଦ୍ୟାଳୟ ଶ୍ରେଣୀ ଗୃହ କାନ୍ଥରେ ଶିକ୍ଷଣୀୟ ଚିତ୍ର ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ବେଞ୍ଚ, ଡେସ୍କର ବ୍ୟବସ୍ଥା କରାଯାଉଛି। କେନ୍ଦ୍ରାପଡ଼ା ଜିଲାରେ ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ଜିଲାପାଳ ଅମ୍ରିତ ଋତୁରାଜ ନିୟମିତ ବ୍ୟବଧାନରେ ରାଜନଗରରେ ପହଞ୍ଚି ବିକାଶର ସମୀକ୍ଷା କରୁଛନ୍ତି। ବ୍ଲକରେ ୨୩୮ଟି ବିଦ୍ୟାଳୟ ମଧ୍ୟରୁ ପ୍ରଥମ ଦଫାରେ ୧୦୦ଟି ପ୍ରାଥମିକ ବିଦ୍ୟାଳୟକୁ ନୂଆ ରୂପ ଦେବାକୁ କାର୍ଯ୍ୟ ଜାରି ରହିଛି। ମଙ୍ଗଳବାର ସୁଦ୍ଧା ୩୦ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ଶ୍ରେଣୀ କକ୍ଷକୁ ନୂଆ ରୂପ ଦିଆ ସରିଛି।

ବ୍ଲକରେ ହାଇସ୍କୁଲକୁ ମିଶାଇ ୨୩୮ଟି ସରକାରୀ ବିଦ୍ୟାଳୟ ରହିଛି। ୫୦ରୁ ଅଧିକ ଛାତ୍ରୀଛାତ୍ର ଥିବା ୧୩୦ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ପ୍ରଥମ ଦଫାରେ ୧୦୦ଟି ପ୍ରାଥମିକ ବିଦ୍ୟାଳୟକୁ ନୂଆ ରୂପ ଦିଆଯାଉଛି। ବିଦ୍ୟାଳୟଗୁଡ଼ିକର ରିପ୍ୟାରିଂ ସହ ଶ୍ରେଣୀ ଗୃହରେ ଟାଇଲ ବିଛା ଯାଉଛି। ବିଦ୍ୟାଳୟ ଓ ଶ୍ରେଣୀ ଗୃହକୁ କଲରିଂ କରାଯିବା ସହ ଭିତରେ ଓ ବାହାରେ ବାଲା ପେଟିଂ କରାଯାଉଛି। ଶ୍ରେଣୀ ଗୃହଗୁଡ଼ିକର ଭିତରେ ଓ ବାହାରେ ପିଲାଙ୍କ ଶିଖିବା ଭଳି ଚିତ୍ର ଅଙ୍କନ କରାଯାଇଛି। ଶ୍ରେଣୀ ଗୃହଗୁଡ଼ିକର ଛାତରେ ସିଲିଂ କରାଯିବା ସହ ଲାଇଟ ଲଗାଯାଉଛି। ପୂର୍ବରୁ ଅଧିକାଂଶ ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରୀମାନେ ତଳେ ବସି ପଢୁଥିଲେ। ଏବେ ଶ୍ରେଣୀ କକ୍ଷରେ ପିଲାଙ୍କ ବସିବା ପାଇଁ ବେଞ୍ଚ ଡେସ୍କର ବ୍ୟବସ୍ଥା କରାଯାଇଛି। କଳା ପଟା ବଦଳରେ ହ୍ୱାଇଟ ଓ ଗ୍ରୀନ ବୋର୍ଡ ଲଗାଯାଉଛି। ବିଦ୍ୟାଳୟ କ୍ୟାମ୍ପସରେ ସଂଯୋଗୀକରଣ ରାସ୍ତାଗୁଡ଼ିକରେ ଟାଇଲ ବିଛା ଯାଉଛି। ଛାତ୍ରୀ ଓ ଛାତ୍ରଙ୍କ ପାଇଁ ପୃଥକ୍ ଭାବେ ଶୌଚାଳୟ ପ୍ରସ୍ତୁତ କରାଯାଉଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ଖାଇବାକୁ ଡାଇନିଂ ହଲ ଓ ହାତ ଧୋଇବାକୁ ୱାଶିଂ ବେସିନ ଲଗାଯାଇଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପଶିଲେ ଯେପରି ସୁନ୍ଦର ପରିବେଶ ପାଇବେ ଓ ଶିକ୍ଷଣୀୟ ପରିବେଶର ଉପଲବ୍ଧି କରିବେ ସେଥିପାଇଁ ବ୍ଲକ ପ୍ରଶାସନ ଉଦ୍ୟମ ଜାରି ରଖିଛି। ମଙ୍ଗଳବାର ସୁଦ୍ଧା ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟ, ବଡପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ବଡପଲ୍ଲୀ ହାଇସ୍କୁଲ, ବାଲିସାହିପାଟଣା ପ୍ରାଥମିକ ବିଦ୍ୟାଳୟ, ନୁରୁଗାଁ ନୋଡାଲ ଉପ୍ରା ବିଦ୍ୟାଳୟ, କେରେଡାଗଡ ପ୍ରାଥମିକ ବିଦ୍ୟାଳୟ, କେରେଡାଗଡ ମଦ୍ରାସା, ଗୁପ୍ତି ନୋଡାଲ ଉପ୍ରା ବିଦ୍ୟାଳୟ, ପ୍ରସନ୍ନପୁର ପ୍ରାଥମିକ ବିଦ୍ୟାଳୟ, ଏଣ୍ଡୁଳାପୁର ପ୍ରାଥମିକ ବିଦ୍ୟାଳୟ, କହ୍ନୁଆ ପ୍ରାଥମିକ ବିଦ୍ୟାଳୟ, ଗୁଲୁଦିଆ ଚଣ୍ଡିଆପଲ୍ଲୀ ନୋଡାଲ ଉପ୍ରା ବିଦ୍ୟାଳୟ, ତରପଦା ପ୍ରାଥମିକ ବିଦ୍ୟାଳୟ, ରାଜନଗର ଶୈଳେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟ, ରାଜନଗର ପ୍ରାଥମିକ ବିଦ୍ୟାଳୟ ପ୍ରଭୃତିର କାମ ଶେଷ ହୋଇଛି। ଛାତ୍ରୀଛାତ୍ରମାନେ ସୁନ୍ଦର ପରିବେଶରେ ପାଠ ପଢିବାର ସୁଯୋଗ ପାଇବେ ବୋଲି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ହତ୍ୟା ଅଭିଯୋଗ ଆଣିଲେ ଭାଇ

### ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ

**ବିରିଡି,୧୧।୮(ଡି.ଏନ.ଏ.)**

ବିରିଡି ଥାନା ହାଜିପୁର ଗାଁର ରାକେଶ ବେହେରାଙ୍କ ସ୍ତ୍ରୀ ସୁଚିତ୍ରା (୨୪)ଙ୍କର ରଶିରେ ଝୁଲୁଥିବା ମୃତଦେହକୁ ବୁଧବାର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କୋଠା ଘରର ଶିଡି ପାର୍ଶ୍ୱରେ ଥିବା ଏକ ଲୁହା ହୁକ୍‌ରେ ରଶି ଲାଗିଥିବା ଅବସ୍ଥାରେ ମୃତଦେହ ଝୁଲୁଥିଲା। ଖବରପାଇ ସୁଚିତ୍ରାଙ୍କ ଭାଇ ଶିବପ୍ରସାଦ ବେହେରା ମୋ ଭଉଣୀକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୧/୨୧ରେ ହତ୍ୟା ମାମଲା ରୁଜୁ କରିଛି। ପୋଲିସ ସୁଚିତ୍ରାଙ୍କ ସ୍ୱାମୀ, ଶ୍ୱଶୁର ସଦାନନ୍ଦ, ଶାଶୁ ବୁଲି ଓ ପଡୋଶୀ ଦୁଇଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଭଉଣୀଙ୍କୁ ଷଡ଼ଯନ୍ତ୍ର କରି ମାରିବା ପରେ ରଶିରେ ଝୁଲାଇ ଦିଆଯାଇଛି ବୋଲି ଭାଇ ଶିବ ଅଭିଯୋଗ କରିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ପୁରୀ ଜିଲା କୋଣାର୍କ ଥାନା ଖଗିପୁର ଗାଁର ବୈକୁଣ୍ଠ ବେହେରାଙ୍କ ଝିଅ ସୁଚିତ୍ରାଙ୍କ ବିବାହ ରାକେଶଙ୍କ ସାଙ୍ଗରେ ହୋଇଥିଲା। ବିବାହ ପରଠାରୁ ଶାଶୁଘର ଲୋକଙ୍କ ସହ ବୋହୂର ସମ୍ପର୍କ ଭଲ ନ ଥିବାରୁ ସବୁବେଳେ ମତାନ୍ତର ହେଉଥିଲା ବୋଲି ପାଖ ପଡୋଶୀ ସୂଚନା ଦେଇଛନ୍ତି। ରଶିଟି ବେକରେ ନ ଲାଗି ପାଟିରେ ରହିଥିବା ସହ ଦୁଇଟିଯାକ ହାତ ବନ୍ଧା ଯାଇଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି। ସୁଚିତ୍ରାଙ୍କର ଦେଢବର୍ଷର ପୁଅ ଅଛି। ଏହା ବ୍ୟତୀତ ତାଙ୍କ ଶୋଇବା ଘରର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ନିଆଁ ଲିଭାଇବା ପାଇଁ ବିରିଡି ଦମକଳ ବାହିନୀ ଯାଇଥିବା ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଆଇଆଇସି ନିରଞ୍ଜନ ମଲ୍ଲିକ କହିଛନ୍ତି। ଘଟଣାସ୍ଥଳରେ ଏସ୍‌ଡିପିଓ ପ୍ରିୟ ରଞ୍ଜନ ଶତପଥୀ, ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ସାଇଣ୍ଟିଫିକ ଟିମ୍ ଓ କୁକୁର ସହ ପହଞ୍ଚି ତଦାରଖ କରିଛନ୍ତି।

## ନବନିର୍ମାଣ କୃଷକ ସଙ୍ଗଠନ ଅନଶନ ଭାଙ୍ଗି ଧାରଣା



କଂଗ୍ରେସର ଅନଶନ ସ୍ଥଳରେ ଜଟଣୀ ବିଧାୟକ ସୁର ରାଉତରାୟ ଓ ଅନ୍ୟମାନେ।

**ରଘୁନାଥପୁର, ୧୧।୮(ଡି.ଏନ.ଏ.)**

- ବିଷ୍ଣୁ ଦାସ ପ୍ରତିମୂର୍ତ୍ତି ସ୍ଥାନାନ୍ତର ବିବାଦ
- କଂଗ୍ରେସର ସାମୟିକ ପ୍ରତ୍ୟାହାର

ରଘୁନାଥପୁର ବ୍ଲକ ଛକ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପାର୍ଶ୍ୱରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ କଂଗ୍ରେସ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସତ୍ୟାଗ୍ରହ ଅନଶନ ବୁଧବାର ଜାରି ରହିଥିଲା। ଦିନକୁ ଦିନ ଅନଶନକାରୀ ହିମାଂଶୁ ଭୂଷଣ ମଲ୍ଲିକ ଓ ଆର୍ତ୍ତତ୍ରାଣ ପଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଆଡ଼କୁ ଗତି କରୁଛି। ଅନଶନରେ ବସିଥିବ ମଲ୍ଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ଅପରାହ୍ନରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଅନଶନ ସ୍ଥଳରେ ପହଞ୍ଚି କଂଗ୍ରେସ ନେତାଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ପ୍ରତିମୂର୍ତ୍ତି ସେହିପରି ଘୋଡା ହୋଇ ରହିବ, ଉନ୍ମୋଚିତ ହେବନାହିଁ ବୋଲି ଉପଜିଲାପାଳ ମଲ୍ଲିକ କହିଥିଲେ। ଏହାପରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ ଅନଶନକୁ ସାମୟିକ ଭାବେ ପ୍ରତ୍ୟାହାର କରାଗଲା ବୋଲି ଘୋଷଣା କରିଥିଲେ। ସେହିପରି ନବନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ କର୍ମକର୍ତ୍ତା ଦେବୀ ପ୍ରସାଦ ମହାରଣା ଓ ରଶ୍ମିରଞ୍ଜନ ସ୍ୱାଇଁ ଅନଶନରୁ ଓହରି ଯାଇ ଧାରଣା ଜାରି ରଖିବେ ବୋଲି କହିଛନ୍ତି। ଉଭୟ ଅନଶନକାରୀଙ୍କୁ ଫଳରସ ପିଆଇ ଉପଜିଲାପାଳ ଅନଶନ ଭାଙ୍ଗିଥିଲେ। ପୂର୍ବାହ୍ନରେ ଜଟଣୀ ବିଧାୟକ ସୁର ରାଉତରାୟ ଅନଶନ ସ୍ଥଳରେ ପହଞ୍ଚି ସରକାରଙ୍କୁ ସମାଲୋଚନା କରିଥିଲେ। ମୋର ସାନଭାଇ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ପ୍ରତି ସମ୍ମାନ ରହିଛି। ପ୍ରଶାସନ ଦୁଇଦିନ ମଧ୍ୟରେ ସମାଧାନ କରି ସ୍ଥାନ ନିରୂପଣ କଲେ ଦଳମତ ନିର୍ବିଶେଷରେ ଆମେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବୁ ବୋଲି କହିଥିଲେ। ଏହି ସମୟରେ ବ୍ଲକ କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏସ୍‌ଆଇଙ୍କ ବିରୋଧରେ ମହିଳା ଏକତା ମଞ୍ଚର ସଭା



ପ୍ରତିବାଦ ସଭାରେ ଯୋଗ ଦେଇଥିବା ମହିଳାମାନେ।

**କୁଜଙ୍ଗ, ୧୧।୮ (ଡି.ଏନ.ଏ.)**

### ଅଭୟଚାନ୍ଦପୁର ଥାନା

ଅଭୟଚାନ୍ଦପୁର ଥାନା ଏସ୍‌ଆଇ ଆଶୁତୋଷ ହୋତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏରସମା ବ୍ଲକ ଡିଙ୍କିଆ ଗାଁର ମହିଳାମାନେ ବୁଧବାର ଶୋଭାଯାତ୍ରା ଓ ସଭା କରିଛନ୍ତି। ଏ ନେଇ ଜଗତ୍‌ସିଂହପୁର ଏସ୍‌ପିଙ୍କୁ ମେଲ୍ ଯୋଗେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୨୦ ରାତ୍ରିରେ ବିନା ମହିଳା ପୋଲିସରେ ଏସ୍‌ଆଇ ହୋତା ଡିଙ୍କିଆ ଗାଁର ଜଣେ ମହିଳାଙ୍କ ଘରେ ପହଞ୍ଚି କବାଟକୁ ଧକ୍କା ମାରି ଭାଙ୍ଗି ଦେବା ସହ ଗାଳି ଗୁଲଜ କରିଥିଲେ। ଏ ନେଇ ମହିଳା ଜଣକ ପୂର୍ବରୁ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏହା ପରେ ପୁଣି ଏସ୍‌ଆଇ ହୋତା ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଅଗଷ୍ଟ ୭ ରାତ୍ରିରେ ଘରେ ପହଞ୍ଚି କବାଟକୁ ଧକ୍କା ମାରି ଖୋଲିବା ସହ ଶୋଇବା ଘରେ ପଶି ମଶାରି ଛିଡାଇ ଦେବା ସହ ଛୋଟ ପିଲାଙ୍କ ଉପରେ ଚଢି ଯାଇଥିଲେ। ଡିଙ୍କିଆବାସୀ ନିଜର ଜୀବନ ଜୀବିକାକୁ ନେଇ କମ୍ପାନୀ ବିରୋଧରେ ଲଢେଇ ଜାରି ରଖିଛନ୍ତି। ପୋଲିସର ଏଭଳି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗଣତନ୍ତ୍ର ବିରୋଧୀ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଏ ନେଇ ମହିଳା ଏକତା ମଞ୍ଚ ପକ୍ଷରୁ ସଭାନେତ୍ରୀ ଶାନ୍ତି ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକତ୍ରିତ ହୋଇଥିଲେ। ସେମାନେ ଫୁଲଖାଇ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ପଞ୍ଚାୟତ ଅଫିସ ପାଖରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ଏ ସମ୍ପର୍କରେ ଏସ୍‌ଆଇ ଆଶୁତୋଷ ହୋତାଙ୍କୁ ପଚାରିବାରେ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଚଢାଉରେ ଯାଇଥିଲୁ। ମହିଳା ଜଣଙ୍କୁ ଡାକିବାରୁ ସେ କବାଟ ଖୋଲିଥିଲେ। ଘରେ ମଶାରି ଟଙ୍ଗା ଯାଇଥିବାରୁ ଖୋଲିବାକୁ କହିଥିଲୁ। ଚଢାଉ ସମୟରେ ଜଣେ ମହିଳା ସବ୍‌ଇନ୍ସପେକ୍ଟର ସାଙ୍ଗରେ ଥିଲେ। ସେମାନେ ଆଣିଥିବା ଅଭିଯୋଗ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ସେ କହିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଶିଳାନ୍ୟାସ

**ଆଳି,୧୧।୮(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ସୋମବାର ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ସୁକାନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଆଳି ନିର୍ବାଚନ ମଣ୍ଡଳୀର ୧ ନଂ. ଜୋନ ଜିଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବୋଷ କହିଥିଲେ, ସ୍ୱାସ୍ଥ୍ୟକେନ୍ଦ୍ର ଗୃହଟି ଦିନକୁଦିନ ଦୁର୍ବଳ ହୋଇପଡୁଛି। ଏ ସଂକ୍ରାନ୍ତରେ ଜିଲା ପରିଷଦ ବୈଠକରେ ବାରମ୍ବାର ମେଡିକାଲର ନୂତନ ଗୃହ ପାଇଁ ଦାବି କରାଯିବା ସହ ବିଧାୟକ ପ୍ରତାପ ଦେବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାୟକଙ୍କ ଉଦ୍ୟମ ଫଳରେ ଅର୍ଥ ମଞ୍ଜୁର ହୋଇଛି। ସରପଞ୍ଚ ପଦ୍ମାଳୟା ଧଳ ନୂତନ ଗୃହ ନିର୍ମାଣ ହେଲେ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ କରାଯାଇପାରିବ ବୋଲି କହିଥିଲେ। ଉତ୍ସବରେ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମିତାରାଣୀ ବେହେରା, ଫାର୍ମାସିଷ୍ଟ ଅଶୋକ ଜେନା, ସମିତିସଭ୍ୟ ଅମିୟ ଥାଟୋଇ, ପୂର୍ବତନ ସରପଞ୍ଚ ନିଖିଳ ସାମଲ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ମଳିକ, ଦୁର୍ଯ୍ୟୋଧନ ସାମଲ, ଅକ୍ଷୟ ବିଶ୍ୱାଳ, ଶ୍ରୀଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେଡ୍ ୟୁନିୟନ ପକ୍ଷରୁ ୧୬ଦଫା ଦାବିପତ୍ର

**ନାଉଗାଁ,୧୧।୮(ସ୍ୱ.ପ୍ର.)**

ଭାରତ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନାଉଗାଁ ବିଡିଓ ରଶ୍ମିରେଖା ମଳିକଙ୍କୁ ୧୬ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜଗତ୍‌ସିଂହପୁର ଜିଲା କମିଟିର ସଦସ୍ୟଶ୍ରୀଧର ସାହୁ, ଲୋଭାକାନ୍ତ ସ୍ୱାଇଁ, ନଟବର ପଲେଇ, ନିବାରଣ ନାୟକ ଏହି ଦାବିପତ୍ରକୁ ପ୍ରଦାନ କରିଛନ୍ତି। ୩ଟି ସଙ୍ଗଠନ ଯଥା ଭାରତ ଟ୍ରେଡ୍ ୟୁନିୟନ, ଓଡ଼ିଶା କୃଷକ ସଭା ଓ ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ସଦସ୍ୟମାନେ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଦାବିଗୁଡିକ ମଧ୍ୟରେ ଶ୍ରମିକ ବିରୋଧୀ ଶ୍ରମକୋର୍ଡ, କୃଷକ ବିରୋଧୀ ୩ କୃଷି ଆଇନ ଓ ବିଦ୍ୟୁତ୍ ଘରୋଇକରଣ ବିଲକୁ ବାତିଲ କରିବା, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରାଯାଉ, ଏମଜିଏନ୍‌ଆରଇଜିଏସ୍‌ରେ ବର୍ଷକୁ ୨ ଶହ ଦିନର କାମ ଓ ଦୈନିକ ୬ ଶହ ଟଙ୍କା ମଜୁରି ପ୍ରଦାନ ଆଦି ଦାବି ରହିଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ

**ରଘୁନାଥପୁର, ୧୧।୮ (ଡି.ଏନ.ଏ.)**

### ଚର୍ଚ୍ଚିକାଇ ସରକାରୀ ମଧ ଇଂରାଜୀ ବିଦ୍ୟାଳୟରେ ଅର୍ଥ ତୋଷାରପାତ

ରଘୁନାଥପୁର ବ୍ଲକ ରାମଚନ୍ଦ୍ରପୁର ଚର୍ଚ୍ଚିକାଇ ସରକାରୀ ମଧ ଇଂରାଜୀ ବିଦ୍ୟାଳୟକୁ ଆସୁଥିବା ସରକାରୀ ଅର୍ଥ ତୋସରପାତ କରାଯାଇଛି। ଏ ନେଇ ବୁଧବାର ବ୍ଲକ ଶିକ୍ଷାଧିକାରୀଙ୍କୁ ଏସ୍‌ଏମ୍‌ସି ସଭ୍ୟ, ଅଭିଭାବକ ଓ ସରପଞ୍ଚ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କମଳା ଦାଶ ତିନିବର୍ଷ ତଳୁ ବୈଠକ ନ ଡାକି ଛାତ୍ରୀଛାତ୍ରଙ୍କ ଦ୍ୱାରା ରିଜୋଲ୍ୟୁଶନ ଖାତା ଓ ଅନ୍ୟ ଜରୁରୀ କାଗଜପତ୍ରରେ ଦସ୍ତଖତ କରାଇ ନେଉଛନ୍ତି। ସେହିପରି ଗତବର୍ଷ ବିଦ୍ୟାଳୟରେ କରୋନା ପାଇଁ ଟିଏମ୍‌ସି ଖୋଲା ଯାଇଥିଲା। ଏହାର ରଙ୍ଗ, ବିଦ୍ୟୁତ୍, ମେଜିଆ ପ୍ଲାଷ୍ଟର, ପାଣିର ସୁବ୍ୟବସ୍ଥା, କବାଟ, ଝରକା, ଗ୍ରୀଲ୍ ଆଦି ଅନେକ କାର୍ଯ୍ୟ ପଞ୍ଚାୟତ ପକ୍ଷରୁ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦାଶ ରିଜୋଲ୍ୟୁଶନ କରି ସମସ୍ତ ଅର୍ଥ ଉଠାଇ ନେଇଥିବା ସମ୍ପର୍କରେ ସଭ୍ୟ ନିତ୍ୟାନନ୍ଦ ସ୍ୱାଇଁ, ରମେଶ ଚନ୍ଦ୍ର ବାରିକ, ରବୀନ୍ଦ୍ର ଦାସ, ମଞ୍ଜୁଲତା ସ୍ୱାଇଁ, ବୁଲେଇ ନାୟକଙ୍କ ସମେତ ଗ୍ରାମବାସୀ ଓ ସରପଞ୍ଚ କବିତା ନାୟକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘରୋଇ ଶିକ୍ଷାନୁଷ୍ଠାନରୁ ପିଲାମାନେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ଇଚ୍ଛା ପ୍ରକାଶ କରୁଥିଲେ ବି ପ୍ରଧାନ ଶିକ୍ଷୟିତ୍ରୀ ଦାଶ ସେମାନଙ୍କୁ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦାଶଙ୍କୁ ପଚାରିବାରୁ, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ଏବଂ ଦୋଷୀ ଦଣ୍ଡ ପାଇବ ବୋଲି ସେ କହିଛନ୍ତି।

# ବୋହିଯାଉଛି ପାଣି, ଚାଷୀଙ୍କ କାମରେ ଲାଗୁନାହିଁ

**ନାଉଗାଁ,୧୧।୮(ସ୍ୱ.ପ୍ର.)**

### ଗୋବରୀ ନାଳର ମାରଡା, ବାଂଶ ସ୍ଲୁଇସ ଗେଟ୍ ଖୋଲା





ନାଉଗାଁ ବ୍ଲକ ଦେଇ ଗୋବରୀ ନାଳ ପ୍ରବାହିତ ହେଉଛି। ଏହି ନାଳଟି ଡ୍ରେନେଜ ବିଭାଗ ଅଧୀନରେ ରହିଛି। ଚଳିତ ବର୍ଷ ଏହାର ସଫେଇ କାର୍ଯ୍ୟ ଚାଲିଛି। ଗୋବରୀ ନାଳ ସଫେଇ ପରେ ଉକ୍ତ ନାଳ ଦେଇ ବ୍ଲକର ୧୬ଟି ପଞ୍ଚାୟତର ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସିତ ହୋଇଯାଉଛି। ନାଳରେ ଥିବା ମାରଡା ଓ ବାଂଶ ସ୍ଲୁଇସ ଗେଟ ଖୋଲା ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ବର୍ଷା ନ ଥିବାରୁ ନାଳରେ ପ୍ରବାହିତ ପାଣି ଚାଷ କାର୍ଯ୍ୟରେ ଲାଗିବ ବୋଲି ଚାଷୀମାନେ ଯେଉଁ ଆଶା ରଖିଥିଲେ ତାହା ତାହା ପୂରଣ ହେଉନାହିଁ। ସ୍ଲୁଇସ ଗେଟ ମାଧ୍ୟମରେ ପାଣିକୁ ସଂରକ୍ଷଣ କରି ରଖି ଚାଷ କାର୍ଯ୍ୟରେ ଲଗାଯାଇଥାଏ। କିନ୍ତୁ ଏହି ନାଳରେ ଥିବା ପାଣି ଚାଷ କାର୍ଯ୍ୟରେ ଲାଗୁ ନ ଥିବା ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି।

ନାଳରେ ମାରଡାଠାରେ ଥିବା ସ୍ଲୁଇସ ଗେଟ୍‌କୁ ବିଭାଗ ପକ୍ଷରୁ ଚଳିତବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ନିର୍ମାଣ କରାଯାଇଥିଲା। ସ୍ଲୁଇସ ଗେଟ୍‌ରେ ୧୨ ଗୋଟି ଶଟର ଲାଗିଛି। ଶଟରକୁ ଲକ୍ କରାଗଲେ ନଦୀ ମଧ୍ୟକୁ ପାଣି ନ ଯାଇ ସଂରକ୍ଷିତ ରହିପାରିବ। ଫଳରେ ଚାଷୀମାନେ ଉକ୍ତ ପାଣିକୁ ଚାଷ ଜମିରେ ଲଗାଇ ପାରିଥାନ୍ତେ। କିନ୍ତୁ ଚଳିତବର୍ଷ ବ୍ଲକରେ ଆଶାନୁରୂପ ବର୍ଷା ହୋଇ ନାହିଁ। ଅଳ୍ପ ଦିନରେ ଶ୍ରାବଣ ଶେଷ ହୋଇଯିବ। ଏ ପର୍ଯ୍ୟନ୍ତ ଚାଷ କାମ ଆଗେଇ ପାରୁନାହିଁ। ଚାଷୀମାନେ ଗୋବରୀ ନାଳର ପାଣି ବ୍ୟବହାର ମଧ୍ୟ କରି ପାରୁନାହାନ୍ତି। ଏହି ଗେଟଟି କାର୍ଯ୍ୟ କରାଯାଇଥିଲେ ମଧ୍ୟ ଶଟର ତଳ ଭାଗରେ ୨ଟି ବଡ ଗର୍ତ୍ତ ରହିଛି। ଏହା ମଧ୍ୟ ଦେଇ ଆନାୟସରେ ନଦୀ ମଧ୍ୟକୁ ପାଣି ନିଷ୍କାସିତ ହୋଇଯାଉଛି। କିନ୍ତୁ ଉକ୍ତ ଗର୍ତ୍ତ ସମ୍ପର୍କରେ ବିଭାଗ ପାଖରେ କୌଣସି ଖବର ନାହିଁ। ସେହିପରି ବାଂଶ ସ୍ଲୁଇସ ଗେଟରେ ୬ଟି ଶଟର ଲାଗିଛି। ଦୀର୍ଘ ୧୦ବର୍ଷ ହେବ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଶଟରଗୁଡିକ ଭାଙ୍ଗି ରୁଜି ଗଲାଣି। ନାଳରେ ଯେଉଁ ବର୍ଷା ଜଳ ଆସୁଛି ତାହା ଏହି ଭଙ୍ଗା ଶଟର ଦେଇ ଦେବୀ ନଦୀକୁ ନିଷ୍କାସିତ ହୋଇଯାଉଛି। ସ୍ଲୁଇସ ଗେଟ କାର୍ଯ୍ୟ କରୁ ନ ଥିବାରୁ ଚାଷୀ ପାଣିକୁ ନାଳ ମଧ୍ୟରେ ଅଟକାଇ ରଖିପାରୁନାହାନ୍ତି। ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଗୋବରୀ ନାଳ ସଫେଇ କରାଯାଉଥିଲେ ମଧ୍ୟ ତାହା ଚାଷୀଙ୍କ କାର୍ଯ୍ୟରେ ଲାଗୁନାହିଁ। ସେହିପରି ସ୍ଲୁଇସ ଗେଟ୍ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ୨ ସ୍ଲୁଇସ ଗେଟ ମାଧ୍ୟମରେ ପାଣି ସଂରକ୍ଷିତ ରଖାଗଲେ ବାଂଶ, ନାଉଗାଁ, ଘୋଡାଂଶ, ଶିଖର, ତିରୁଣା, ଡେରିକି, କୋରୁଅ ଆଦି ପଞ୍ଚାୟତର ଚାଷ ଜମିକୁ ପାଣି ମାଡି ପାରନ୍ତା ବୋଲି ଚାଷୀ କୈଳାସ ପରିଡା, ସୁବାସ ସ୍ୱାଇଁ, ଅଶୋକ ସ୍ୱାଇଁ ଆଦି ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସରୋଜକାନ୍ତ ଦୀକ୍ଷିତଙ୍କୁ ପଚାରିବାରେ ମାରଡା ସ୍ଲୁଇସ ଗେଟ୍‌କୁ ମେଣ୍ଟେନାନ୍ସ ବିଭାଗ ଦ୍ୱାରା ମରାମତି କରାଯାଇଥିଲା। ତଳେ ଯେଉଁ ଗର୍ତ୍ତ ହୋଇଛି ତାହା ହେବା କଥା ନୁହେଁ। ମେଣ୍ଟେନାନ୍ସ ବିଭାଗ ସହ କଥା ହୋଇ ଉକ୍ତ ଗର୍ତ୍ତକୁ ବନ୍ଦ କରିବାକୁ ପଦକ୍ଷେପ ନିଆଯିବ। ବାଂଶ ସ୍ଲୁଇସ ଗେଟର ମରାମତି କାର୍ଯ୍ୟ ବିଭାଗ ଦ୍ୱାରା କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଗ୍ୟାସ୍ ସିଲିଣ୍ଡର ଫାଟି ଦୋକାନ ଜଳିଗଲା

**ଧର୍ମଶାଳା,୧୧।୮(ଡି.ଏନ.ଏ.):** ଧର୍ମଶାଳା ବଜାରରେ ଥିବା ଚୋରମୁହାଁ ଗ୍ରାମର ସଦାନନ୍ଦ ସାହୁଙ୍କ ଜଳଖିଆ ଦୋକାନ ବୁଧବାର ଅପରାହ୍ଣରେ ଜଳିଯାଇଛି। ଦୋକାନରେ ଥିବା ଗ୍ୟାସ ସିଲିଣ୍ଡର ଫାଟି ନିଆଁ ଲାଗିଯିବାରୁ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସଦାନନ୍ଦ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ ଗ୍ୟାସ ସିଲିଣ୍ଡର ଫାଟିଥିଲା। ଫଳରେ ସଙ୍ଗେସଙ୍ଗେ ନିଆଁ ବ୍ୟାପି ଯାଇଥିଲା। ଏଥିସହ ପାଖରେ ଥିବା ଏକ ଦୋକାନରେ ମଧ୍ୟ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ବ୍ୟବସାୟୀମାନେ ନିଆଁକୁ ଆୟତ କରିଥିଲେ। ସୂଚନାଯୋଗ୍ୟ, ସଦାନନ୍ଦ ଦୀର୍ଘ ଦିନ ଧରି ଧର୍ମଶାଳା ବଜାରରେ ଜଳଖିଆ ଦୋକନ କରି ପରିବାର ପ୍ରତିପୋଷଣ କରୁଥିଲେ। କରୋନା କଟକଣା ଯୋଗୁ ବ୍ୟବସାୟ ବନ୍ଦ ହୋଇଯାଇଥିଲା। କଟକଣା କୋହଳ ପରେ ଦୋକାନ ଖୋଲୁଖୋଲୁ ଏଭଳି ଘଟଣା ଘଟିଛି। ସେ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ବ୍ୟବସାୟୀମାନେ ଦାବି କରିଛନ୍ତି।

### ରାଜପଥ କଡ଼ରୁ ବୃଦ୍ଧଙ୍କ ମୃତଦେହ ଜବତ

**ପାଣିକୋଇଲି,୧୧।୮(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବ୍ରଜନଗର ଗ୍ରାମ ନିକଟସ୍ଥ ଗେମନ ଗଡାଣି ନିକଟରୁ ବୁଧବାର ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ସଦର ମହକୁମା ଚିକିତ୍ସାଳୟକୁ ପଠାଇଛି। ସେ ମାନସିକ ବିକାରଗ୍ରସ୍ତ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ଶିକ୍ଷକ ନେତାଙ୍କ ଦେହାନ୍ତ

**ବିଞ୍ଝାରପୁର,୧୧।୮(ଡି.ଏନ.ଏ.):** ଯାଜପୁର ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ ତଥା ବରୁଣେଶ୍ୱର ଆଦର୍ଶ ଉପ୍ରା ବିଦ୍ୟାଳୟର ଶିକ୍ଷକ ଶୈଳେନ୍ଦ୍ର ନାରାୟଣ ସାମଲ(୫୪)ଙ୍କ ମଙ୍ଗଳବାର ରାତିରେ ଦେହାନ୍ତ ହୋଇଯାଇଛି। ସେ ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଦେହାନ୍ତରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଶୋଭାଯାତ୍ରାରେ ବରପଦା ପଞ୍ଚାୟତ ନାଗପୁରା ଗ୍ରାମକୁ ଅଣାଯାଇଥିଲା। ମଇଁନ୍ଦା ଛକରେ ସାମାଜିକ କର୍ମୀ ରବୀନ୍ଦ୍ର ଧଳଙ୍କ ନେତୃତ୍ୱରେ ବହୁ ଲୋକ ଉପସ୍ଥିତ ରହି ସାମଲଙ୍କ ଶେଷ ଦର୍ଶନ କରିବାସହ ପୁଷ୍ପ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଞ୍ଝାରପୁର ଉପକୋଷାଗାର, ମାଁସଡା ସ୍ଥିତ ବିଇଓଙ୍କ କାର୍ଯ୍ୟାଳୟ, ପ୍ରାଥମିକ ଶିକ୍ଷକ ସଂଘ ଭବନ, ସାମଲଙ୍କ କାର୍ଯ୍ୟକ୍ଷେତ୍ର ବରୁଣେଶ୍ୱର ଆର୍ଦଶ ଉପ୍ରା ବିଦ୍ୟାଳୟ, ବରପଦା ପଞ୍ଚାୟତ ଦୁର୍ଯ୍ୟୋଧନ ନୋଡାଲ, ଗଣ୍ଡକୂଳ ପ୍ରାଥମିକ ବିଦ୍ୟାଳୟକୁ ନିଆଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଶେଷରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ, ପ୍ରାକ୍ତନ ଜିଲାପରିଷଦ ଅଧକ୍ଷ ସୁଶାନ୍ତ ମିଶ୍ର, ସରପଞ୍ଚ ମନ୍ଦାକିନୀ ଧଳ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ତାଙ୍କର ଏକମାତ୍ର ପୁଅ ଡା. ସତ୍ୟ ନାରାୟଣ ସାମଲ ମୁଖାଗ୍ନି ଦେଇଛନ୍ତି।

# ସହର ରାସ୍ତାରେ ଧାନ ରୁଆ

## ବ୍ୟାସନଗରରେ ବିପର୍ଯ୍ୟସ୍ତ ପୌର ସେବାର ନଗ୍ନଚିତ୍ର

■ ରାସ୍ତା, ଡ୍ରେନେଜ୍ ନିର୍ମାଣରେ ଅନିୟମିତତା ସନ୍ଦେହ, ତଦନ୍ତ ଦାବି

**ଯାଜପୁର ଅଫିସ,୧୧।୮**

ସହରର ସ୍ୱଚ୍ଛ ଓ ସୁସ୍ଥ ପରିମଳ ପ୍ରତ୍ୟେକ ସ୍ୱାୟତ୍ତ ଶାସନ ସଂସ୍ଥାର ମୌଳିକ ଦାୟିତ୍ୱ। ହେଲେ ଯାଜପୁର ଜିଲାର ୨୬ ୱାର୍ଡ ବିଶିଷ୍ଟ ବ୍ୟାସନଗର ପୌର ପରିଷଦ ପାଇଁ ଏହା ମୂଲ୍ୟହୀନ। ସାମାନ୍ୟ ବର୍ଷା ହୋଇଗଲେ ବିପର୍ଯ୍ୟସ୍ତ ପୌର ସେବାର ନଗ୍ନଚିତ୍ର ଦେଖିବାକୁ ମିଳିଯାଉଛି। ବୁଧବାର ଏଭଳି ଏକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେଥିରେ ବ୍ୟାସନଗର ୨୧ ନମ୍ବର ୱାର୍ଡର ଇନ୍ଦିରା ଗାନ୍ଧୀ ମହିଳା ବିଦ୍ୟାଳୟ ଛକଠାରୁ ସନ୍ତରା ଗ୍ରାମ ପର୍ଯ୍ୟନ୍ତ ରାସ୍ତାରେ ଲୋକେ ଧାନ ରୁଆ କରୁଥିବା ଦେଖିବାକୁ ମିଳିଛି। ବର୍ଷା ହେଲେ ପାଣି ନିଷ୍କାସନ ନ ହୋଇ ରାସ୍ତା କାଦୁଅରେ କଦର୍ଯ୍ୟ ହୋଇଯାଉଥିବାରୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ଫଳରେ ସେମାନେ ଅଭିନବ ଉପାୟରେ ପ୍ରତିବାଦ ଜଣାଇଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ଏହି ୨୧ ନମ୍ବର ୱାର୍ଡରେ ୨୦୧୬-୧୭ରୁ ୨୦୧୮-୧୯ ମଧ୍ୟରେ ପୌର ପରିଷଦ ପକ୍ଷରୁ ୧୨ଟି ରାସ୍ତା ଓ ଡ୍ରେନେଜ କାର୍ଯ୍ୟରେ ୭୪ ଲକ୍ଷ ୭୦ ହଜାର ୯୮୬ ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୮ରୁ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱରେ ପୌର ପରିଷଦ ରହିଥିବାବେଳେ ଏହି ୱାର୍ଡରେ ମାତ୍ର ଗୋଟିଏ ରାସ୍ତାର କଂକ୍ରିଟ କାର୍ଯ୍ୟ ହୋଇଛି। ତେବେ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ଏବେ ରାସ୍ତାଗୁଡ଼ିକର ଦୟନୀୟ ସ୍ଥିତି ଦେଖିବାକୁ ମିଳୁଛି। ବଡ଼କଥା ହେଲା ସହରରେ ଜଳ ନିଷ୍କାସନ ପାଇଁ କୌଣସି ବହିର୍ଗମନ ପଥ ନାହିଁ। କୌଣସି ଜିଲାପାଳ କିମ୍ବା ଲୋକ ପ୍ରତିନିଧି ଏଥିପ୍ରତି ଦୃଷ୍ଟି ନ ଦେବା ବିଡମ୍ବନା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରୁଛନ୍ତି।

୨୦୧୬-୧୭ ଆର୍ଥିକ ବର୍ଷରେ ୨୧ ନମ୍ବର ୱାର୍ଡର କାର୍ତ୍ତିକ ପରିଡ଼ାଙ୍କ ଘରଠାରୁ ବାଳବିକାଶ ସ୍କୁଲ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣରେ ୧,୯୯,୯୮୦ ଟଙ୍କା, ମୀନ ପଣ୍ଡାଙ୍କ ଘରଠାରୁ ନିମି ପୋଖରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ୫ ଲକ୍ଷ ଟଙ୍କା ଏବଂ କୁଞ୍ଜ ଦାସଙ୍କ ଘରଠାରୁ ବାରିକ ବାବୁଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ୧,୭୨,୯୬୫ ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୭-୧୮ରେ ହରିହର ବିଶ୍ୱାଳଙ୍କ ଘରଠାରୁ ସନ୍ତରା ଗ୍ରାମ ମୁଖ୍ୟ ରାସ୍ତା ଏବଂ ସନ୍ତରା ମୁଖ୍ୟ ରାସ୍ତାଠାରୁ ବୈଶାଖୀ ବାବୁଙ୍କ ଘର ପଟକୁ ଡ୍ରେନ ନିର୍ମାଣରେ ୭,୭୯,୮୮୧ ଟଙ୍କା, କୃଷ୍ଣ ସାମଲଙ୍କ ଘରଠାରୁ ଅଶୋକ ନାୟକଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଏବଂ ବିମଳ ଜେନାଙ୍କ ଘରଠାରୁ ଦଳା ମୁଖ୍ୟ ଡ୍ରେନ ପର୍ଯ୍ୟନ୍ତ ନୂତନ ଡ୍ରେନ ନିର୍ମାଣରେ ୭ ଲକ୍ଷ ଟଙ୍କା, ଅଶୋକ ନାୟକଙ୍କ ଘର ଠାରୁ ଦଳା ନିମି ପୋଖରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଏବଂ ଶ୍ମଶାନ ଉନ୍ନତୀକରଣରେ ୬,୭୯,୭୨୩ ଟଙ୍କା, ଶର୍ଙ୍ଖଚିଲା ମୁଖ୍ୟରାସ୍ତାଠାରୁ ଜେମ୍ସ ସ୍କୁଲ ଓ ମହାପାତ୍ରଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ୯,୨୬,୫୩୫ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୧୮-୧୯ରେ କୃଷ୍ଣ ସାମଲଙ୍କ ଘରଠାରୁ ଅଶୋକ ନାୟକଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ୨ ଲକ୍ଷ ଟଙ୍କା, ଜାତୀୟ ରାଜପଥର ୨୧୫ ଠାରୁ ପାର୍ଥସାରଥି ଦାସଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ୪,୨୬,୦୬୦ ଟଙ୍କା, ହରିହର ପରିଡାଙ୍କ ଘରଠାରୁ ନଟପଡ଼ା ମୁଖ୍ୟ ରାସ୍ତା ପଟକୁ କଂକ୍ରିଟ ରାସ୍ତା ନିର୍ମାଣରେ ୬,୪୫,୮୩୭ ଟଙ୍କା, ଇନ୍ଦିରା ଗାନ୍ଧୀ ମହିଳା ବିଦ୍ୟାଳୟଠାରୁ ସନ୍ତରା ଗ୍ରାମ ପଟକୁ ରାସ୍ତା ନିର୍ମାଣରେ ୧୯,୪୦,୦୦୨ ଟଙ୍କା ଏବଂ ଇନ୍ଦିରା ଗାନ୍ଧୀ ମହିଳା ବିଦ୍ୟାଳୟର ବ୍ଲକ ରାସ୍ତା ନିର୍ମାଣରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୦-୨୧ ବର୍ଷରେ ଇନ୍ଦିରା ଗାନ୍ଧୀ ମହିଳା ବିଦ୍ୟାଳୟ ରାସ୍ତାଠାରୁ କୃଷ୍ଣ ଲେନ୍‌ର ରମେଶ ଦାସଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିଲେ ହେଁ ପେମେଣ୍ଟ ହୋଇ ନଥିବା ସୂଚନା ଅଧିକାର ଆଇନ ତଥ୍ୟରେ ଦର୍ଶାଯାଇଛି। ତେବେ ଉପରୋକ୍ତ ପ୍ରକଳ୍ପଗୁଡ଼ିକ ନିର୍ମାଣରେ ଲକ୍ଷାଧିକ ଟଙ୍କାର ଅନିୟମିତତା ହୋଇଥିବା ଅଞ୍ଚଳବାସୀ ସନ୍ଦେହ କରି ଏକ ନିରପେକ୍ଷ ତଦନ୍ତ ଦାବି କରୁଛନ୍ତି। ଏ ସଂକ୍ରାନ୍ତରେ ମତାମତ ନେବାକୁ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମିଶ୍ର ଏବଂ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନାଙ୍କୁ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।


ରାସ୍ତାରେ ଧାନ ତଳି ରୁଆ ଯାଉଛି।

## ବ୍ରାହ୍ମଣୀ ନଦୀରୁ ଯୁବକଙ୍କ ମୃତଦେହ ଜବତ

**ଧର୍ମଶାଳା/ରସୁଲପୁର, ୧୧।୮(ଡି.ଏନ.ଏ.)**

ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ଅଧୀନ ଦେଓଦା ପଞ୍ଚାୟତ ନନ୍ଦସାହି ନିକଟସ୍ଥ ବ୍ରହ୍ମଣୀ ନଦୀର ଏକ ତଣ୍ଡି ବୁଦାରୁ ବୁଧବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ଜଳେଶ୍ୱରପୁର ଗ୍ରାମର ଧନେଶ୍ୱର କୁଣ୍ଡୁଙ୍କ ପୁଅ ଶ୍ରୀରାମ (୨୩)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୋଲିସ ସୂଚନା ଅନୁସାରେ, କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀରୋଡ଼ଠାରେ ଧନେଶ୍ୱରଙ୍କ କଂସାବାସନ ଦୋକାନ ରହିଛି। ସେଠାରେ ଶ୍ରୀରାମ ବାପାଙ୍କ ନିକଟରେ ରହନ୍ତି। ଗତ ସପ୍ତାହରେ ସେ ଘରକୁ ଆସି ପୁଣି ବାପାଙ୍କ ନିକଟକୁ ଫେରି ଯାଇଥିଲେ। ଏହାପରେ କ'ଣ ହୋଇଛି ସେ ସମ୍ପର୍କରେ ଜାଣିନାହାନ୍ତି ବୋଲି ଭାଇ ପର୍ଶୁରାମ ପୋଲିସକୁ କହିଛନ୍ତି। ତେବେ ସେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ତାଙ୍କ ଭାଇଙ୍କର ବୋଲି ଚିହ୍ନଟ କରିବାରୁ ପୋଲିସ ତାଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ-୨୩/୨୧ ରୁଜୁ ହୋଇଛି। ତେବେ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତଦେହ ନଦୀକୁ ଆସିଲା ସେ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ପ୍ରେମ ବ୍ୟାପାରକୁ ନେଇ ତାଙ୍କୁ ହତ୍ୟା କରାଯାଇ ଥାଇପାରେ କିମ୍ବା ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏଏସ୍ଆଇ ସନ୍ତୋଷ କୁମାର ସେଠୀ ଘଟଣାର ତଦନ୍ତ କରୁଛନ୍ତି।

## ବୈରୀ ଥାନା ଅଞ୍ଚଳରେ ବଢୁଛି ଚୋରି

### ପୋଲିସ ହାତ ଖାଲି

**ଛତିଆ,୧୧।୮(ଡି.ଏନ.ଏ.)**

ଯାଜପୁର ଜିଲା ବୈରୀ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ବଢ଼ି ଚାଲିଛି। ସେହିପରି ଅଞ୍ଚଳରେ ନକଲି ଜର୍ଦ୍ଦାଠାରୁ ଆରମ୍ଭ କରି ବେଆଇନ ନିଶା କାରବାର ମଧ୍ୟ ବଢୁଛି। ଯାହାକୁ ନେଇ ଅଞ୍ଚଳବାସୀ ଚିନ୍ତିତ ହୋଇ ପଡ଼ିଛନ୍ତି। କିନ୍ତୁ ଏହାକୁ ରୋକିବାରେ ପୋଲିସ ବିଫଳ ହେଉଛି। ଅନେକ ଚୋରି ଘଟଣାରେ ପୋଲିସ ହାତ ଏବେବି ଖାଲିପଡ଼ିଛି। କିଛିଦିନ ତଳେ ଛତିଆ ବଟ ତଳ ବଜାରରେ ଥିବା ପ୍ରଦୀପ୍ତ ପଣ୍ଡାଙ୍କ ମୋବାଇଲ୍ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସମାଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ସେ ଛତିଆ ବିଟ୍ ହାଉସ୍‌ରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ସେହିପରି ଗତ ରବିବାର ରାତିରେ ଥାନା ଅଞ୍ଚଳର ତିନୋଟି ସ୍ଥାନରୁ ଚୋରି ହୋଇଛି। ବୈରୀ ହରିଜନ ସାହିର ବୀରକିଶୋର ମଳିକଙ୍କ ଘରୁ ଦୁଇଟି ମୋବାଇଲ୍ ଫୋନ୍ ଚୋରି ହୋଇଛି। ଗୋବିନ୍ଦ ଜେନାଙ୍କ ଘରୁ ସୁନା କାନ ଫୁଲ ଏବଂ ପପୁ ମଳିକଙ୍କ ଘରୁ ଏକ ସାଇକେଲ ଚୋରି ହୋଇଥିବା ଜଣାପଡ଼ିଛି। ହେଲେ ଏସବୁ ଚୋରି ବିଷୟରେ ପୋଲିସ ପାଖରେ କୌଣସି ଖବର ନାହିଁ। ଜୁନ୍ ମାସରେ ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ବିଦ୍ୟୁତ୍‌ପ୍ରଭା ସାହୁଙ୍କ ଘରୁ ଦୁର୍ବୃତ୍ତ ୭୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ପୋଲିସ କୌଣସି ଟେର୍ ପାଇପାରୁ ନାହିଁ, ଯାହା କି ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଆବଶ୍ୟକ ପାଟ୍ରୋଲିଂ ହେଉ ନ ଥିବାରୁ ଚୋରି, ଡକାୟତି ବୃଦ୍ଧି ପାଉଛି। ତେଣୁ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଲୁଟେରାଙ୍କୁ ତୁରନ୍ତ ଗିରଫ କରିବା ଦିଗରେ ପୋଲିସ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଥାନା ଅଧିକାରୀ ସଂଘମିତ୍ରା ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।




# ରାସ୍ତାରେ ଭାଙ୍ଗି ପଡ଼ିଲା ପିସିଆର ଭ୍ୟାନ

**ନାଉଗାଁ,୧୧।୮(ସ୍ୱ.ପ୍ର.)**

ନାଉଗାଁ ଥାନା ଅଞ୍ଚଳରେ ପାଟ୍ରୋଲିଂ ପାଇଁ ଜଗତ୍‌ସିଂହପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପିସିଆର ଭ୍ୟାନ ଯୋଗାଇ ଦିଆଯାଇଥିଲା। ଭ୍ୟାନ୍‌ଟିର ଆଗପଛ ସହ ଦୁଇପାର୍ଶ୍ୱ କଳଙ୍କି ଲାଗି ନଷ୍ଟ ହୋଇଯାଇଥିଲା। ବୁଧବାର ପିସିଆର ଭ୍ୟାନ୍‌ଟି ଅପରାହ୍ଣ ୧ଟା ବେଳେ କଣ୍ଟୁଣିଆ ବଜାର ପଟୁ ପାଟ୍ରୋଲିଂ ସାରି ନାଉଗାଁ ଥାନାକୁ ଫେରୁଥିଲା। ଜାମୁଗାଁ ପଞ୍ଚାୟତ ଜଳଶ୍ୱେରପଡା ଗ୍ରାମ ଛକ ନିକଟରେ ଗାଡିର ଆଗପଟର ବାମ ଚକା ନିକଟର କିଛି ଅଂଶ ଭାଙ୍ଗି ଯାଇଥିଲା। ଫଳରେ ଗାଡିଟି ଭାରସାମ୍ୟ ହରାଇ ପଡିଥିଲା। ଗାଡି ଚାଳକଙ୍କ ଉପସ୍ଥିତ ବୃଦ୍ଧି ଯୋଗୁ ଗାଡିଟି ରାସ୍ତା ଉପରେ ରହି ଯାଇଥିଲା। ଫଳରେ ଚାଳକଙ୍କ ସମେତ ୩ ଜଣ କର୍ମଚାରୀ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଉକ୍ତ ଗାଡିଟି ଭଙ୍ଗା ଅବସ୍ଥାରେ କଣ୍ଟୁଣିଆ-ନାଉଗାଁ ମୁଖ୍ୟ ରାସ୍ତା ଉପରେ ଦୀର୍ଘ ତିନି ଘଣ୍ଟା ଧରି ପଡି ରହିଥିଲା। ରାସ୍ତା ବନ୍ଦ ହୋଇ ରହିଥିଲା। ମେକାନିକ ପହଞ୍ଚି ଭ୍ୟାନକୁ ମରାମତି କରିବା ପରେ ଥାନାକୁ ଯାଇଥିଲା।



ପିସିଆର ଭ୍ୟାନ ମରାମତି କରାଯାଉଛି।

## ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ପାଣିକୋଇଲି,୧୧।୮(ଡି.ଏନ.ଏ.)**

ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି ନୋଡାଲ ବିଦ୍ୟାଳୟ କେନ୍ଦ୍ରରେ ୧୯୨ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନିମନ୍ତେ ବିବେଚିତ ହୋଇଥିଲେ। ସେଥିମଧ୍ୟରୁ ୧୫୯ ଜଣ ପରୀକ୍ଷା ଦେଇଛନ୍ତି। ୩୩ ଜଣ ଅନୁପସ୍ଥିତ ଥିଲେ ବୋଲି କେନ୍ଦ୍ର ପରିଚାଳକ ସତ୍ୟବାଦୀ ପାତ୍ର ଜଣାଇଛନ୍ତି।

## ବଳରାମ ଯୋଜାନାରେ ଋଣ ପ୍ରଦାନ

**ରସୁଲପୁର,୧୧।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅଞ୍ଚଳରେ ବଳରାମ (ଭୂମିହୀନ ଏଗ୍ରିକଲ୍‌ଚୁରିଷ୍ଟ ଲୋନ୍ ଆଣ୍ଡ ରିସୋର୍ସେସ ଅଗ୍‌ମେନ୍‌ଟେଶନ ମଡେଲ୍)ଯୋଜନା କାର୍ଯ୍ୟକାରୀ ହେବାରେ ଆଗରେ ରହିଛି। ଏହି ବ୍ଲକ୍ ଜିଲାର ପ୍ରଥମକରି ଯୋଜନାକୁ କାର୍ଯ୍ୟକାରୀ କରିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯୋଜନା ମାଧ୍ୟମରେ ବ୍ଲକ୍‌ର ୨ଟି ଭୂମିହୀନ ମିଳିତ ଦେୟ ଗୋଷ୍ଠୀ(ଜେଏଲ୍‌ଜି)ଙ୍କୁ ୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ବ୍ଲକ୍ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି ଗ୍ରାମରେ ଚେକ୍ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର ସେନାପତି, ସମ୍ମାନିତ ଅତିଥି ଧର୍ମଶାଳା ଜିଲା କୃଷି ଅଧିକାରୀ ଶ୍ୱେତଞ୍ଜୟ ଦାଶ, କଟକ ସମବାୟ ବ୍ୟାଙ୍କ୍ ଶାଖା ପରିଚାଳକ କେଦାରନାଥ ଦାଶ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ଓ ବଳରାମ ଭଳି ୨ଟି ମିଳିତ ଦେୟ ଗୋଷ୍ଠୀଙ୍କୁ ୫୦ ହଜାର ଲେଖାଏ ଚେକ୍ ପ୍ରଦାନ କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ଚନ୍ଦନ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷକ ସାଥୀ ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଯୋଜନା ଆଧାରରେ ପ୍ରାଥମିକ ପର୍ଯ୍ୟାୟରେ ବ୍ଲକର ୫ଟି ପଞ୍ଚାୟତରେ ୧୪ ଗୋଷ୍ଠୀ ଗଠନ କରାଯାଇଛି। ସେଥିମଧ୍ୟରୁ ରାଜେନ୍ଦ୍ରପୁର ପଞ୍ଚାୟତରେ ୪ଟି, ସାମନ୍ତରାପୁରରେ ୧ଟି, ସିଂହାପୁର-୫ଟି, ବନ୍ଧଡ଼ିହ ଓ ମୁଗୁପାଳରେ ୨ଟି ଲେଖାଏ ଗୋଷ୍ଠୀ ଗଠନ ହୋଇଛି। ଅନ୍ୟ ପଞ୍ଚାୟତରେ ଗ୍ରାମ୍ୟ କୃଷି ଅଧିକାରୀ ଓ କୃଷକ ସାଥୀଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ଗଠନ କରାଯାଉଛି। ଯୋଗ୍ୟ ଗୋଷ୍ଠୀଙ୍କୁ କ୍ରମାନ୍ୱୟରେ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯିବ ବୋଲି ସହକାରୀ କୃଷି ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

## ବ୍ୟବସାୟୀଙ୍କ ଘରୁ ଅଳଙ୍କାର ଚୋରି

**ପାଣିକୋଇଲି,୧୧।୮(ଡି.ଏନ.ଏ.)**

ପାଣିକୋଇଲି ଥାନା ଅଧୀନ ଗୋଳେଇପୁର ଗ୍ରାମ ପଞ୍ଚାୟତ ଅଧୀନ ହାଟସାହି-ଶର୍ଙ୍ଖଚିଲା ରାସ୍ତା ପାର୍ଶ୍ୱରେ ଘର କରି ରହୁଥିବା ବ୍ୟବସାୟୀ ମିର୍ଜା ଆଦିଲ ବେଗଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ଆଦିଲିଙ୍କ ପରିବାର ଲୋକେ ଘରେ ନ ଥିଲେ। ଏହାର ସୁଯୋଗ ନେଇ ଚୋରମାନେ ତାଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିଲେ । ମଙ୍ଗଳବାର ସକାଳୁ ଆଦିଲଙ୍କ ଭାଇ ମିର୍ଜା ଅସଲମ ବେଗ ଘରକୁ ଫେରି ଚୋରି ହୋଇଥିବା ଜାଣିବା ପରେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଚୋରମାନଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଛି ବୋଲି ଥାନା ଅଧିକାରୀ ସୁଶୀଲ କୁମାର ନାୟକ କହିଛନ୍ତି।

## ରେଙ୍ଗାଳି କେନାଲ ନିର୍ମାଣକୁ ବିରୋଧ

**କଳିଙ୍ଗନଗର,୧୧।୮(ଡି.ଏନ.ଏ.)**

ଜମି କ୍ଷତିପୂରଣ ନ ମିଳିବାରୁ ଦାନଗଦୀ ବ୍ଲକ ଅଧୀନ ରଣାଗୁଣ୍ଡି ପଞ୍ଚାୟତର ରଗଡ଼ାଠାରେ ବୁଧବାର ସ୍ଥାନୀୟ ଚାଷୀମାନେ ରେଙ୍ଗାଳି କେନାଲ ନିର୍ମାଣକୁ ବିରୋଧ କରିଛନ୍ତି। ଫଳରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଛି। ଦୀର୍ଘବର୍ଷ ଧରି ଏହି ଚାଷଜମି ଉପରେ ଚାଷୀ ବିଭିନ୍ନ ପ୍ରକାର ଫସଲ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ରଣାଗୁଣ୍ଡି ପଞ୍ଚାୟତର ରଗଡ଼ା ଦେଇ କେନାଲ ଗଲେ ଡାହିସାହିର ୪ଟି ପରିବାର, ବଜ୍ରପାଳିର ୭ଟି ପରିବାର, ନୀଳକଣ୍ଠପୁରର ୨ଟି ପରିବାର, ଠାକୁରାଣୀସାଳ ୨ଟି ଏବଂ ଖେଳପଡିଆ ୩ଟି କ୍ଷତିଗ୍ରସ୍ତ ହେବ। ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା ନ କରି ଜୋରଜବରଦସ୍ତ ନିର୍ମାଣ କାର୍ଯ୍ୟ କରାଯାଇଛି। କେନାଲ ନିର୍ମାଣ ପୂର୍ବରୁ କ୍ଷତିପୂରଣ ଦେବାକୁ ରେଙ୍ଗାଳି ପଦାଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଳନ କରିନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ଶିକ୍ଷକ ସଂଘ ନେତାଙ୍କ ପରଲୋକ

**ଧର୍ମଶାଳା,୧୧।୮(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଣ୍ଟିଆ ମଧ ଇଂରାଜୀ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଜିଲା ସହସମ୍ପାଦକ ଜଳଧର ଆଚାର୍ଯ୍ୟ(୭୫)ଙ୍କ ମଙ୍ଗଳବାର ରାତିରେ ତାଙ୍କ କଳଣସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସଯ୍ୟା ନିକଟରେ ପୁଅ, ଝିଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ସତ୍ୟବ୍ରତ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ।

## ଉଚ୍ଚ ଶିକ୍ଷା ସମ୍ପର୍କରେ ଆଲୋଚନାଚକ୍ର

**ଧର୍ମଶାଳା,୧୧।୮(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ରେନେଂସା ହାୟର ସେକେଣ୍ଡାରି ସ୍କୁଲ ଓ କଲେଜ ପକ୍ଷରୁ ବୃତ୍ତିଗତ ଶୈକ୍ଷିକ ପରାମର୍ଶ (କ୍ୟାରିୟର୍ କାଉନ୍‌ସିଲିଂ) ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଚ୍ଚଶିକ୍ଷା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ର ନିଷ୍ଠାର ସହ ଅଧ୍ୟୟନ କଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଧର୍ମଶାଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ବାବା ଭୈରବାନନ୍ଦ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟାପକ ଧନେଶ୍ୱର ମହାନ୍ତି ଯୋଗଦେଇ କରୋନା ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ବ୍ୟାଘାତ ସୃଷ୍ଟି କରିବା ସହ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ କ୍ଷତିରେ ପହଞ୍ଚାଇଛି ବୋଲି କହିଥିଲେ। ଅଧ୍ୟାପକ ପ୍ରଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପଞ୍ଚାନନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ଅଧକ୍ଷ ବିଭୂତି ଭୂଷଣ ରାଉତ କଲେଜର ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସସ୍ମିତା ଦାଶ ବକ୍ତାଭାବେ ଯୋଗ ଦେଇଥିବାବେଳେ ରଶ୍ମିତା ବେହେରା ସଭା ସଞ୍ଚାଳନ କରିଥିଲେ। ଚଳିତ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଇଙ୍କିତା ସାହୁ, ଲିପ୍ସା ମହାନ୍ତି, ରୋମ୍ୟରଞ୍ଜନ ପାତ୍ର, ଶାନ୍ତନୁ ବେହେରା, ତାପସ ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ନୂତନ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଉଭୟ କାର୍ଯ୍ୟକୁ ଅଧ୍ୟାପକ ନରହରି ବେହେରା, ନରେନ୍ଦ୍ର ବେହେରା ପରିଚାଳନା କରିଥିବାବେଳେ ଅଧ୍ୟାପକ ଲକ୍ଷ୍ମୀଧର ନାୟକ ଧନ୍ୟବାଦ ଦେଇଥିଲେ।


ଅତିଥି ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବିନା ଅନୁମତିରେ ଭାଙ୍ଗିଦେଲେ ବିଦ୍ୟାଳୟ ଗୃହ

### ବିଡିଓଙ୍କ ନିକଟରେ ଅଭିଯୋଗ

**ରସୁଲପୁର,୧୧।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ମୁଗୁପାଳ ଗ୍ରାମର ମୁଗୁପାଳ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଏକ ପୁରୁଣା ଶ୍ରେଣୀ ପ୍ରକୋଷ୍ଠକୁ ଭାଙ୍ଗି ଦିଆଯାଇଛି। ସେହି ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ଗୃହକୁ ଭାଙ୍ଗି ସେଥିରୁ ବାହାରିଥିବା ସାମଗ୍ରୀ ନେଇ ଯାଇଛନ୍ତି। ଏହାକୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିରୋଧ କରାଯାଇଛି। ତେବେ ବିରୋଧ କରୁଥିବା କମିଟି ସଦସ୍ୟଙ୍କୁ ଘର ଭାଙ୍ଗିବାରେ ସମ୍ପୃକ୍ତ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନାନା ଧମକ ଚମକ ଦେଉଛନ୍ତି। ଏନେଇ ବୁଧବାର କମିଟି ସଭାପତି ଗଙ୍ଗାଧର ଦାସ ଓ ଗ୍ରାମବାସୀ ବିଡିଓ ଉମାକାନ୍ତ ପରିଡ଼ାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ବିଡିଓ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ବ୍ଲକ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁସାରେ, ଉକ୍ତ ବିଦ୍ୟାଳୟ ପରିସରରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବିଦ୍ୟାଳୟରେ ଥିବା ଏକ ପୁରୁଣା ଆଜବେଷ୍ଟସ ଶ୍ରେଣୀ ଗୃହ ଭାଙ୍ଗି ସେଠାରେ ନୂତନ ଗୃହ ନିର୍ମାଣ ପାଇଁ କେତେଜଣ ବ୍ୟକ୍ତି ନିଷ୍ପତ୍ତି ନେଇଥିଲେ। ତେବେ ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ କାମିନବାଳା ମଲ୍ଲିକ ଓ କମିଟି ସଭାପତି ଏବଂ ଗ୍ରାମବାସୀଙ୍କୁ ଜଣାଇ ନ ଥିଲେ। ବିଦ୍ୟାଳୟରେ ଥିବା କୋଠାକୁ ଭାଙ୍ଗିବା ପୂର୍ବରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ। ଭାଙ୍ଗିବା ପାଇଁ ଥିବା ଘରଟିକୁ ବିପଦସଂକୁଳ ବୋଲି ବ୍ଲକ ବୈଷୟିକ ଟିମ୍ ଦ୍ୱାରା ଘୋଷଣା କରାଯିବା ଉଚିତ। ଘର ଭାଙ୍ଗିବାବେଳେ ସେଥିରୁ ବାହାରୁଥିବା ସାମଗ୍ରୀକୁ ବିଦ୍ୟାଳୟ ପକ୍ଷରୁ ନିଲାମ ଡକାଯିବ। ଏଥିରୁ ମିଳୁଥିବା ଅର୍ଥକୁ ବିଦ୍ୟାଳୟ ଉନ୍ନୟନ ପାଣ୍ଠିରେ ଦାଖଲ କରାଯିବ। ଏଭଳି ନାନା ନିୟମକୁ ଉଲ୍ଲଂଘନ କରି ଘର ଭଙ୍ଗାଯାଇଛି।

ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଅନୀତା ବେହୁରା କହିଛନ୍ତି, ସେ କିଛି ଜାଣିନାହାନ୍ତି। କେବଳ ବିଦ୍ୟାଳୟରେ କୋଠା ନିର୍ମାଣ ପାଇଁ ଅର୍ଥ ଆସିଥିବା ଶୁଣିଛନ୍ତି। ତେବେ ସେ କାମ କରିବା ପାଇଁ କାହାକୁ ନିର୍ଦ୍ଦେଶ ଦେଇନାହାନ୍ତି। ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି, ଘର ଭାଙ୍ଗିବା ପାଇଁ ରିଜୋଲ୍ୟୁସନ ଜରିଆରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ଶିକ୍ଷାଧିକାରୀ ପଞ୍ଚାୟତିରାଜ ବିଭାଗକୁ ଜଣାଇବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ସେ ଜଣାଇ ନାହାନ୍ତି। ଏବେ ଘର ଭାଙ୍ଗି ଦିଆଯାଇଛି, ହେଲେ ତାଙ୍କୁ କେହି ପଚାରିନାହାନ୍ତି। ପୂର୍ବରୁ ବିଦ୍ୟାଳୟରେ ଅଙ୍ଗନୱାଡି କୋଠା ନିର୍ମାଣ ସମୟରେ ଭିନ୍ନକ୍ଷମ ପିଲାଙ୍କ ପାଇଖାନାକୁ ଭାଙ୍ଗି ଦିଆଯାଇଥିଲା। କେତେଜଣ ବ୍ୟକ୍ତି ଏଭଳି କରୁଛନ୍ତି, ସେ କ'ଣ କରିପାରିବେ ବୋଲି ମତ ରଖିଛନ୍ତି।


ସ୍କୁଲ ଗୃହ ଭଙ୍ଗାଯାଉଛି।

## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡ ଟର୍ମିନାଲ, ଜିନିଂ ମିଲ୍ ଲୋକାର୍ପଣ ଆଜି

ଦିଗପହଣ୍ଡି,୧୧।୮(ଡି.ଏନ.ଏ.): ଦିଗପହଣ୍ଡିର ବହୁ ପ୍ରତିକ୍ଷୀତ ସ୍ଥାୟୀ ବସ୍‌ଷ୍ଟାଣ୍ଡ ଟର୍ମିନାଲକୁ ଗୁରୁବାର ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫେରେନ୍ସ ମାଧମରେ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ସେହିପରି ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ପରିଚାଳନାଧୀନ କଟନ୍ ୟାର୍ଡ଼ (ଆର୍‌ଏମ୍‌ସି) ବଜାର ପ୍ରାଙ୍ଗଣ ପରିସରରେ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ରାଜ୍ୟର ପ୍ରଥମ ଜିନିଂ ମିଲକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ଉଭୟ ଉଦଘାଟନ ଉତ୍ସବରେ ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବହୁ ସଂଖ୍ୟକ ଜିଲା ପ୍ରଶାସନିକ ଅଧିକାରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପ୍ରାୟ ୨ ଏକର ଜମିରେ ୫ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ବସ୍‌ଷ୍ଟାଣ୍ଡର ଆନୁଷଙ୍ଗିକ କାର୍ଯ୍ୟ ପ୍ରାୟତଃ ସରିଥିଲେ ମଧ ପ୍ରବେଶ ପଥ ମୁଖ୍ୟ ଫାଟକ ତୋରଣରେ ବସ୍‌ଷ୍ଟାଣ୍ଡ ନାଁ ଉଲ୍ଲେଖ କରାଯାଇପାରିନାହିଁ। ବସଷ୍ଟାଣ୍ଡକୁ ତତ୍କାଳୀନ ବଡ଼ ଖେମୁଣ୍ଡିର ରାଜପୁତ୍ର ସନ୍ଥ ଅରକ୍ଷିତ ଦାସଙ୍କ ନାଁ ରେ ନାମ କରଣ କରାଯିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

### ଭାଜପାରେ ଯୋଗଦେଲେ ବିଜେଡି କର୍ମୀ

ପାରଳାଖେମୁଣ୍ଡି,୧୧।୮(ଡି.ଏନ୍.ଏ.): କାଶୀନାଗର ବ୍ଲକ ଶିଆଳି ପଞ୍ଚାୟତର କୋଲ୍ଲା, ମାଣ୍ଟିଗୁଡା, ହରିପୁର, ପେଦଗୁଡା, କେସଗୁଡ, ହନୁମନ୍ତଗୁଡ, ଶିଆଳି ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ବିଜେଡି ନେତା ଓ କର୍ମୀ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ଉମାଶଙ୍କର ଗନ୍ତାୟତ, ଭାଜପା ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ଶିଆଳି ଗ୍ରାମ ପଞ୍ଚାୟତର ଉଧାୟ ଚନ୍ଦ୍ର ଜେନା, ଚିନ୍ନାରାଓ ଶବର, ସର୍ବେଶ୍ୱର, ମଙ୍ଗଳ ଗମାଙ୍ଗ, ସୁକୁ ଶବର ଓ ପୂର୍ବତନ ନାଏବ ସରପଞ୍ଚ, ପୂର୍ବତନ ୱାର୍ଡ ମେମ୍ବର ଓ ୱାର୍ଡ ମେମ୍ବର୍ସଙ୍କ ସମେତ ଅନ୍ୟାନ୍ୟ ପ୍ରାୟ ୯୫ ଜଣ ଭାଜପା କାର୍ଯ୍ୟାଳୟକୁ ଆସି ଯୋଗ ଦେଇଥିଲେ। ଜିଲା ଭାଜପା ସଭାପତି ତଥା ବିଧାୟକ କେ. ନାରାୟଣ ରାଓ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧରେ କାଶୀନଗର ବ୍ଲକ ଅଧକ୍ଷ ସିଏଚ. ସିମାଦ୍ରୀ, ଭାଜପା ସାଧାରଣ ସମ୍ପାଦକ ଆରୁ ସାହୁ, ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ଜେନା ଓ କାଶୀନାଗର ପଞ୍ଚାୟତ ସମିତି ଭାଜପା ଦଳର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

### ଦେବୋତ୍ତର ବିଭାଗୀୟ ଅଧିକାରୀଙ୍କ ରାୟଗଡ଼ ଜଗନ୍ନାଥ ମନ୍ଦିର ଗସ୍ତ

ରାୟଗଡ (ଗଜପତି),୧୧।୮: ରାୟଗଡ ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିରକୁ ମଙ୍ଗଳବାର ଦେବୋତ୍ତର ବିଭାଗୀୟ ଅଧିକାରୀ ତଥା ନିରୀକ୍ଷକ ହେମନ୍ତ କୁମାର ଦାସ ଗସ୍ତ କରି ଏହାର ତଦାରଖ କରିଥିଲେ। ଗତ ୨୫ ତାରିଖ ତଥା ବାହୁଡାଯାତ୍ରା ଦିନ ସ୍ଥାନୀୟ ମନ୍ଦିର ପରିଚାଳନା କମିଟି ନୂତନ ଭାବେ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଦେବୋତ୍ତର ବୋର୍ଡରେ ସାମିଲ ହେବା ସହ ଟ୍ରଷ୍ଟ ଗଠନ କରି ଆବଶ୍ୟକ ପନ୍ଥା ଗ୍ରହଣ କରିବାକୁ ନିରୀକ୍ଷକ ଦାସ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଲୋଚନା ବୈଠକରେ ପୁରୀର ସନ୍ଥ ବାବା ସୀତାରାମ ଦାସ, ମନ୍ଦିର ପରିଚାଳନା କମିଟି ସଭାପତି ଶୋଭେନ୍ଦ୍ର ନାଥ ଘଡ଼ାଇ, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ପାଇକ, ସମ୍ପାଦକ ବି. କୃଷ୍ଣ ଚନ୍ଦ୍ର ପାତ୍ର, କୋଷାଧକ୍ଷ ଦିଲ୍ଲୀପ କୁମାର ନାୟକ, ଯୁଗ୍ମ କୋଷାଧକ୍ଷ ଏସ.ନାଗେଶ୍ୱର ରାଓ ଆଚାରୀ, ପୂଜାରୀ ଶିବ ପାତ୍ର, କୋରା ଦଳାଇ, ଶ୍ରୀନିବାସ ପାଇକ, ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଓକିଲ ସଂଘର ଥାନା ଘେରାଉ, ଉତ୍ତେଜନା

## ମହିଳା ଓକିଲଙ୍କୁ ଆକ୍ରମଣକାରୀଙ୍କ ଗିରଫ ଦାବି

ଭଞ୍ଜନଗର,୧୧।୮(ଡି.ଏନ.ଏ)



ଆଇନଜୀବୀମାନେ ଥାନା ଘେରାଉ କରିଛନ୍ତି ।

ଭଞ୍ଜନଗର ବାର୍ ଆସୋସିଏଶନର ଜଣେ ମହିଳା ଆଇନଜୀବୀଙ୍କୁ ସୋମବାର କୋର୍ଟ ପରିସରରେ ଜଣେ ମହିଳା ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବାର୍ ଆସୋସିଏଶନ ପକ୍ଷରୁ ବୁଧବାର ଏକ ଜରୁରୀ ବୈଠକ ବସିଥିଲା। ବୈଠକରେ ପୋଲିସର କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଅପରାହ୍ନ ୫ଟାରେ ଥାନାରେ ପହଞ୍ଚି ହୋହାଲ୍ଲା କରିଥିଲେ। ଆକ୍ରମଣକାରୀ ମହିଳାଙ୍କୁ ତୁରନ୍ତ ଗିରଫ ଦାବି ନେଇ ଥାନା ଘେରାଉ କରିବା ସହ ଥାନା ସମ୍ମୁଖ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ବାର ଆସୋସିଏଶନର ଅଭିଯୋଗ ଯେ, କୋର୍ଟ ପରିସରରେ ଆଇନଜୀବୀମାନେ ସୁରକ୍ଷିତ ନୁହନ୍ତି। ଜଣେ ମହିଳା କୋର୍ଟ ପରିସରରେ ମହିଳା ଓକିଲଙ୍କୁ ଆକ୍ରମଣ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇନି। ଅଭିଯୁକ୍ତ ମହିଳାଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ ସହ ତାଙ୍କୁ ଗିରଫ କରିବା ପାଇଁ ବାର୍ ଆସୋସିଏଶନ ପକ୍ଷରୁ ଦାବି କରାଯାଇଥିଲା। ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଥାନା ଅଧିକାରୀ ସୁଦୀପ୍ତ ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆଇନଜୀବୀମାନଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ରାତିରେ ଓକିଲଙ୍କ ଏତଲାକୁ ଭିତ୍ତିକରି ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାତିରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ଉପ ସଭାପତି ରଜତ କୁମାର ଦାସ, ସହ ସମ୍ପାଦକ ଧିରେନ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଏମ୍.ତାଜ୍ ଆଦେନୀ, ରାଜେନ୍ଦ୍ର ପ୍ରଧାନ, ରବି ଦାସ, ପ୍ରଦ୍ୟୁମ୍ନ ନାୟକ, ଦିବାକର ନାୟକ, ଖରାଂଶୁ ଶେଖର ଦାସ ପ୍ରମୁଖ ଆନ୍ଦୋଳନସ୍ଥଳରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ସୋମବାର ଏକ ବିବାହ ବିଚ୍ଛେଦ ମାମଲାର ସାକ୍ଷୀ ବିଚାରଣ ଥିଲା । ମହିଳା ଆଇନଜୀବୀ ଜଣଙ୍କ କୌଣସି କାରଣରୁ ମାମଲାର ବିଚାର ପାଇଁ ପରବର୍ତ୍ତୀ ତାରିଖ ମାଗିଥିଲେ। ଏଥିରେ ପ୍ରତିପକ୍ଷର ସାକ୍ଷୀ ଦେବାକୁ ଆସିଥିବା ଜଣେ ମହିଳା ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା କାହିଁକି ପୁଣି ତାରିଖ ମାଗିଲ କହିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ମହିଳା ଜଣଙ୍କ ମଧ୍ୟ ଏନେଇ ଥାନାରେ ୩ଜଣଙ୍କ ନାମରେ ଅଭିଯୋଗ କରିଥିଲେ । ପୋଲିସ ଉକ୍ତ ଦିନ ମାମଲାଟିକୁ କୌଣସି ପରିସ୍ଥିତିରେ ସମାଧାନ କରିଦେଇଥିଲା। ଯାହାକୁ ନେଇ ବାର ଆସୋସିଏଶନ କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

# ୯୦ କିମି ଗଞ୍ଜାମ ପରୀକ୍ଷା କେନ୍ଦ୍ରକୁ ଗଲେ ଛାତ୍ରୀ

## ପିପୁଲ୍ସ ହାଇସ୍କୁଲରେ ୧୨୮ ନବୋଦୟ ପରୀକ୍ଷା ଦେଲେ

ବୁଗୁଡ଼ା,୧୧।୮(ଡି.ଏନ.ଏ.)

ବୁଗୁଡା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ବୁଧବାର ନବୋଦୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୧୬୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୮ ଜଣ ପରୀକ୍ଷା ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ୧୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଇନଭିଜିଲେଟର ଭାବେ ନିୟୋଜିତ ଥିଲେ। ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ ନବୋଦୟ ବିଦ୍ୟାଳୟ ତରଫରୁ ସୁବଳ କୁମାର ଶର୍ମା ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଯୋଗ ଦେଇଥିଲେ। ଅନ୍ୟପଟେ ବୁଗୁଡ଼ା ବ୍ଲକର ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲେ ମଧ୍ୟ ବ୍ଲକର ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ ଆଦିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଈପ୍ସିତା କୁମାରୀ ଜେନାଙ୍କୁ ପରୀକ୍ଷା ଦେବା ପାଇଁ ୯୦ କିମି ଯିବାକୁ ପଡ଼ିଛି। ଗଞ୍ଜାମ ଏନ୍‌ଏସି ଗର୍ଲସ୍ ହାଇସ୍କୁଲରେ ସେଣ୍ଟର ପଡ଼ିଥିବାରୁ ଈପ୍ସିତା ନିଜ ପିତା ମଳୟ ଜେନାଙ୍କ ସହ ସେଠାକୁ ଯାଇ ପରୀକ୍ଷା ଦେବାକୁ ବାଧ ହୋଇଛନ୍ତି। ଆଦିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ ବିଦ୍ୟାର୍ଥୀ ନବୋଦୟ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ସେଥିରୁ ୬ ଜଣଙ୍କ ବୁଗୁଡ଼ା ପିପୁଲସ୍ ହାଇସ୍କୁଲ ସେଣ୍ଟରରେ ପଡ଼ିଥିବା ବେଳେ ଈପ୍ସିତାଙ୍କ ଗଞ୍ଜାମ ଏନ୍‌ଏସିରେ ସେଣ୍ଟର ପଡିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ତେବେ ଅନଲାଇନ୍ ଆବେଦନ କରିଥିବା କମ୍ପ୍ୟୁଟର ପରିଚାଳକ ଫର୍ମ ପୂରଣ ସମୟରେ ଭୁଲବଶତଃ ଜିଲା ଗଞ୍ଜାମ ପରିବର୍ତ୍ତେ ବ୍ଲକ ଗଞ୍ଜାମ ବୋଲି ଟାଇପ୍ କରିଦେଇଥିବାରୁ ସେହି ଅନୁସାରେ ପରୀକ୍ଷା କେନ୍ଦ୍ର ଆସିଗଲା ବୋଲି ପ୍ରଧାନ ଶିକ୍ଷକ ପଦ୍ମନାଭ ପାତ୍ର ସଫେଇ ଦେଇଛନ୍ତି।

# ଜଙ୍ଗଲରୁ ଶିକାରୀ ଗିରଫ, ବନ୍ଧୁକ ଜବତ



ଗିରଫ ଶିକାରୀ ଓ ଜବତ ହୋଇଥିବା ବନ୍ଧୁକ ।

ଖଣ୍ଡପଡ଼ା.୧୧।୮ (ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ରାତିରେ ଜଣେ ଶିକାରୀଙ୍କୁ ଖଣ୍ଡପଡ଼ା ବନବିଭାଗ କର୍ମଚାରୀମାନେ ଗିରଫ କରିଛନ୍ତି । ତାଙ୍କଠାରୁ ଗୁଳିଭରା ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି ।

ବନାଞ୍ଚଳ ଅଧିକାରିଣୀ ସୋନାଲି ସିଓଙ୍କ ସୂଚନା ଅନୁଯାୟୀ, ଗିରଫ ଶିକାରୀ ହେଲେ ଖଳିସାହି ଗ୍ରାମ ପାଞ୍ଚଘରିଆ ସାହିର ସୁଶାନ୍ତ କୁମାର ନାୟକ (୪୫) । ସେ ନିୟମିତ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରିଥାଆନ୍ତି । ମଙ୍ଗଳବାର ବିଳମ୍ବିତ ରାତିରେ ସୁଶାନ୍ତ ବନ୍ଧୁକ ନେଇ ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ । ଜଙ୍ଗଲରେ ଗୁଳି ଫୁଟିବା ଶବ୍ଦ ଶୁଣିବା ପରେ ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ବନପାଳ ଶ୍ରୀନିବାସ ଦାଶ, ବନରକ୍ଷୀ ସନାତନ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଜଙ୍ଗଲରେ ଚଢ଼ାଉ କରି ସୁଶାନ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ।

# ରଣପୁର ବିଜେଡିରେ ଗୋଷ୍ଠୀକନ୍ଦଳ

- କର୍ମୀ ସମ୍ମିଳନୀ ପରେ ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡ଼ିଲା
- ପୂର୍ବତନ ବିଧାୟକ, ଜିଲା ପରିଷଦ ସଭ୍ୟ ଅଲୋଡ଼ା

ନୟାଗଡ଼ ଅଫିସ,୧୧।୮

ନୟାଗଡ଼ ଜିଲା ରଣପୁର ନିର୍ବାଚନ ମଣ୍ଡଳୀରେ ବିଜେଡିର ଗୋଷ୍ଠୀ କନ୍ଦଳ ଓ ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡିଛି । ମଙ୍ଗଳବାର ରଣପୁର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ଓ କର୍ମକର୍ତ୍ତା ବୈଠକ ମଣିନାଗ ପୀଠରେ ଅନୁଷ୍ଠିତ ହେବା ପରେ ଏହି ବିବାଦ ପଦାକୁ ଆସିଛି । ଉକ୍ତ ସମ୍ମିଳନୀରେ ପୂର୍ବତନ ରାଜ୍ୟସଭା ସଦସ୍ୟ, ଜିଲା ସଭାପତି ତଥା ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ସମେତ ରଣପୁର ଓ ଚାନ୍ଦପୁର ଜିଲା ପରିଷଦ ସଭ୍ୟ ବିଜୟ କେତନ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗିରିଜା ମହାପାତ୍ରଙ୍କୁ ଦେଖିବାକୁ ମିଳି ନ ଥିଲା । ଏହି ନେତାମାନଙ୍କୁ କୁଆଡେ ଦଳୀୟ ସମ୍ମିଳନୀ ସମ୍ପର୍କରେ କୁହାଯାଇ ନ ଥିଲା ବୋଲି ସୂଚନା ମିଳିଛି।

କଂଗ୍ରେସର ଦୁର୍ଗ କୁହାଯାଉଥିବା ରଣପୁର ନିର୍ବାଚନ ମଣ୍ଡଳୀ ଏବେ ଶାସକ ଦଳ ହାତରେ ରହିଛି । ସତ୍ୟ ନାରାୟଣ ପ୍ରଧାନ ଶାସକ ଦଳର ବିଧାୟକ ଅଛନ୍ତି। ତେବେ ସ୍ଥାନୀୟ ବିଧାୟକ ଦଳୀୟ ନେତାମାନଙ୍କୁ ଅଣଦେଖା କରୁଥିବାର ଅଭିଯୋଗ ଉଠିଛି । ୨୦୧୪ରୁ ୧୯ ପର୍ଯ୍ୟନ୍ତ ରଣପୁର ବିଧାୟକ ଥିବା ରବି ନାରାୟଣ ମହାପାତ୍ରଙ୍କୁ ବର୍ତ୍ତମାନର ବିଧାୟକ ଉପେକ୍ଷା କରୁଥିବାରୁ ଦଳୀୟ କନ୍ଦଳ ବଢ଼ିଥିବା କେତେଜଣ ସ୍ଥାନୀୟ ନେତା ନିଜ ନାମ ଗୋପନ ରଖି କହିଛନ୍ତି। ତେବେ ବିଧାୟକ ପ୍ରଧାନ କହିଛନ୍ତି, ମୁଁ ସମସ୍ତଙ୍କୁ ଯୋଗାଯୋଗ ଓ ସହଯୋଗ ମାଗିଛି । ହେଲେ ଡାକରା ପରେ ଯଦି କିଏ ନ ଆସିବେ ମୁଁ କ'ଣ କରି ପାରିବି । ଦଳରେ ସେପରି କୌଣସି ଅନ୍ତର୍ଦ୍ୱନ୍ଦ୍ୱ ଓ ଗୋଷ୍ଠୀକନ୍ଦଳ ନାହିଁ ବୋଲି ସେ ସଫେଇ ଦେଇଛନ୍ତି । ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର କୁହନ୍ତି, ରଣପୁରରେ କର୍ମୀ ସମ୍ମିଳନୀ ହେଉଥିବା ସ୍ଥାନଠାରୁ ମୋ ଘରର ଦୂରତା ୧କିମି । ହେଲେ ମୋତେ କର୍ମୀ ସମ୍ମିଳନୀ ନେଇ କେହି ସୂଚନା ଦେଇ ନାହାନ୍ତି । ସ୍ଥାନୀୟ ବିଧାୟକ ମୋତେ ମଧ ଅବଗତ କରାଇ ନାହାନ୍ତି। ରଣପୁର ଜିଲା ପରିଷଦ ସଭ୍ୟ ନବ କିଶୋର ବଇରୀଗଞ୍ଜନ କୁହନ୍ତି, ମୋତେ କର୍ମୀ ସମ୍ମିଳନୀ ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇ ନାହିଁ । ପୁଣି ସରକାରୀ କାର୍ଯ୍ୟକ୍ରମରେ ମୋତେ ଓ ଦଳୀୟ କର୍ମୀଙ୍କୁ ବିଧାୟକ ଅଣଦେଖା କରି ଆସୁଛନ୍ତି । ସେହିଭଳି କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ମଧ ଉପେକ୍ଷିତ ହୋଇ ରହିଛନ୍ତି। ହାତଗଣତି କେତେଜଣ ଠିକାଦାରଙ୍କୁ ଧରି ଦଳୀୟ କାର୍ଯ୍ୟକ୍ରମ ଚାଲିଛି । ଏଭଳି ସ୍ଥିତି ଲାଗି ରହିଲେ ଦଳୀୟ ବିଶୃଙ୍ଖଳା ବଢ଼ି ଚାଲିବ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟସ୍ତରୀୟ ବିଜେଡି କର୍ମକର୍ତ୍ତା ଏହି ବିବାଦକୁ ସମାଧାନ କରାଇବା ଦରକାର ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଉକ୍ତ କର୍ମୀ ସମ୍ମିଳନୀରେ ପରିବହନ ମନ୍ତ୍ରୀ ତଥା ଦଳୀୟ ପର୍ଯ୍ୟବେକ୍ଷକ ପଦ୍ମନାଭ ବେହେରା, ଜିଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

ଆସିକା,୧୧।୮(ଡି.ଏନ.ଏ.)

ଆସିକା ଏନ୍‌ଏସି ଓ ବ୍ଲକ ଇଲାକାରେ ଥିବା ବିଭିନ୍ନ ହାଇସ୍କୁଲରେ ଆବଶ୍ୟକ ଅନୁଯାୟୀ ଶିକ୍ଷକ ନାହାନ୍ତି। ଫଳରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଜିଲା ଶିକ୍ଷାଧିକାରୀ ତୁରନ୍ତ ଶିକ୍ଷକ ପଦବୀ ପୂରଣ କରି ଶିକ୍ଷାଦାନ କାର୍ଯ୍ୟକ୍ରମକୁ ସ୍ୱାଭାବିକ କରିବା ଲାଗି ଘୁମୁସର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ବୁଧବାର ଜିଲା ଯୁବ ମୋର୍ଚ୍ଚା ସଂପାଦକ କାହ୍ନା ନାୟକଙ୍କ ନେତୃତ୍ୱରେ ଯୁବ କର୍ମୀମାନେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଜିଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରକୁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ରଙ୍କୁ ପ୍ରଦାନ କରିଥିଲେ । ଏ ସମ୍ପର୍କରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପାତ୍ରଙ୍କୁ ପଚାରିବାରେ ଶିକ୍ଷକ ଅଭାବ ସମସ୍ୟା ବିଭିନ୍ନ ବିଦ୍ୟାଳୟରେ ଲାଗିରହିଛି । ଆଞ୍ଚଳିକ ସ୍ତରରେ ଅନ୍ୟ ବିଦ୍ୟାଳୟର ଶିକ୍ଷକଙ୍କ ଜରିଆରେ ଶିକ୍ଷାଦାନ ବ୍ୟବସ୍ଥା ସ୍ୱାଭାବିକ କରିବା ଲାଗି ଉଦ୍ୟମ ଜାରି ରଖିଥିବା ସୂଚନା ଦେଇଛନ୍ତି।

## ପୌରାଞ୍ଚଳ ବିଜେଡି କର୍ମକର୍ତ୍ତା ବୈଠକ

ପାରଳାଖେମୁଣ୍ଡି,୧୧।୮(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡିଠାରେ ବିଜେଡି ପକ୍ଷରୁ ପୌରାଞ୍ଚଳ କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଜିଲା ଛାତ୍ର ବିଜେଡି ପର୍ଯ୍ୟବେକ୍ଷକ ବିନାୟକ ପଲେଇ ଅଧକ୍ଷତା କରିଥିଲେ। ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ଜିଲା ଯୁବ ସଭାପତି ଏସ୍.ଲିଙ୍ଗରାଜୁ, ନଗର ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା, ଜିଲା ଛାତ୍ର ସଭାପତି ବିଶ୍ୱଜିତ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ପଞ୍ଚାୟତ ଏବଂ ପୌରନିର୍ବାଚନ ଥିବାରୁ ଜିଲାରେ ଯୁବ ସମାଜ ଏବଂ ଛାତ୍ର ସମାଜକୁ କିପରି ମଜଭୁତ କରିବା ସେନେଇ ବୈଠକରେ ଆଲୋଚନା ହୋଇଥିଲା।

# ଭୁଶୁଡ଼ିବା ଅବସ୍ଥାରେ ଜୟମଙ୍ଗଳ କେନାଲ ବଡ଼ଶଙ୍ଖ

ଛତ୍ରପୁର,୧୧।୮(ଡି.ଏନ୍.ଏ.)



କେନାଲ ବଡଶଙ୍ଖ ।

ଛତ୍ରପୁର ବ୍ଲକ ଗଙ୍ଗାପୁର ଗ୍ରାମ ନିକଟସ୍ଥ ଜୟମଙ୍ଗଳ କେନାଲ ବଡ଼ଶଙ୍ଖ ମରାମତି ଦାବି ଜୋର ଧରିଛି। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବଡ଼ଶଙ୍ଖଠାରେ ପଟା ଶଙ୍ଖ ନିର୍ମାଣ ହୋଇଥିଲା। ବର୍ତ୍ତମାନ ତାହା ଭଗ୍ନ ଅବସ୍ଥାରେ ରହିଛି। ପ୍ରତିବର୍ଷ ଏହି ଶଙ୍ଖ ମରାମତି ନାମରେ ଲକ୍ଷାଧିକ ଟଙ୍କା ଆସୁଥିବା ବେଳେ ନାମକୁ ମାତ୍ର କିଛି କାମ ହୋଇ ଅର୍ଥ ଲୁଟ କରି ଚାଲିଛନ୍ତି ଠିକାଦାର। ଉକ୍ତ ପ୍ରକଳ୍ପଟି ଜଳସେଚନ ବିଭାଗ ଅଧୀନରେ ରହିଛି। ହଜାର ହଜାର ହେକ୍ଟର ଚାଷ ଜମି ଏହା ଉପରେ ନିର୍ଭରଶୀଳ। ଚାଷ ପୂର୍ବରୁ ଏହା ମରାମତି ହେବା କଥା। ହେଲେ ବର୍ଷା ଦିନେ ଏହାର ମରାମତି କାର୍ଯ୍ୟ ଚାଲିଛି। ଏହାର ସ୍ଥାୟୀ ସମାଧାନ ସହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୋଲ ଶଙ୍ଖ ବ୍ୟାରେଜ ନିର୍ମାଣ ପାଇଁ ଚାଷୀ ମହଲରେ ଦାବି ହେଉଛି। ଜୟମଙ୍ଗଳ କେନାଲରେ ବର୍ଷା ଦିନେ ପାଣି ଆସିଲେ ପୋଟଲାମପୁର ଅଞ୍ଚଳର ପ୍ରାୟ ୧୦୦୦ ଏକର ଜମି ଜଳସେଚିତ ହୁଏ। ୧୫୦୦ ଚାଷୀ ପରିବାର ଚାଷ କାମ କରିଥାଆନ୍ତି। କିନ୍ତୁ ଗଙ୍ଗାପୁର ବଡଶଙ୍ଖ ବର୍ତ୍ତମାନ ଭଗ୍ନ ଅବସ୍ଥାକୁ ଆସିଯାଇଛି। ପ୍ରତ୍ୟେକ ବର୍ଷ ଜଳ ସମ୍ପଦ ଭିଭାଗ କେନାଲ ଓ ଶଙ୍ଖକୁ ନାମକୁ ମାତ୍ର ମରାମତି କରି ସୂଚନା ଫଳକ ନ ଲଗାଇ ଲକ୍ଷାଧିକ ଟଙ୍କା ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ସରକାରଙ୍କ ରାଜସ୍ୱ ଓ ଚାଷୀମାନଙ୍କ ମେରୁ ଦଣ୍ଡକୁ କ୍ଷତି ପହଞ୍ଚାଇଛି। ନିମ୍ନମାନର କାର୍ଯ୍ୟ ହେତୁ କେନାଲରେ ଅଧିକ ପାଣି ଆସିଲେ ବେଳେ ବେଳେ ଭୁଶୁଡ଼ିଯିବାର ଆଶଙ୍କା ଦେଖାଦେଇଛି।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ଆର.ଉଦୟଗିରି,୧୧।୮(ଡି.ଏନ.ଏ.)

ପଛୁଆବର୍ଗ ପ୍ରାର୍ଥୀଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ନିଯୁକ୍ତି ଦିଆଯାଉ ନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଆର.ଉଦୟଗିରି ବ୍ଲକର ରଣାଲଇ ଗ୍ରାମବାସୀ ଗାଁରେ ଥିବା ଦ୍ୱିତୀୟ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଦେଇଥିଲେ। ରଣାଲଇ ଗ୍ରାମରେ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଦଳିତ ସାହିର ଦ୍ୱିତୀୟ ଅଙ୍ଗନୱାଡି କେନ୍ଦ୍ର ଉପରେ ଭରସା ଗ୍ରାମର ଅଧିକାଂଶ ପିଲା ପଢୁଛନ୍ତି। ଏଥିରେ ପୂର୍ବରୁ କାମ କରୁଥିବା ପଛୁଆ ବର୍ଗର ମହିଳା ବିନୋଦିନୀ ସିଂଙ୍କ କରୋନାରେ ବିୟୋଗ ହୋଇଥିଲା। ସେହି ଦିନରୁ ଦ୍ୱିତୀୟ କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପଦ ଖାଲି ପଡିଛି। ଏହି ପଦ ପୂରଣ କରିବାକୁ ରାଜ୍ୟ ସରକାର ବିଜ୍ଞାପନ ପ୍ରକାଶ କରିଥିଲେ। ସେଥିରେ କେବଳ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ଉଲ୍ଲେଖ ରହିଥିଲା। ପଛୁଆ ବର୍ଗର ଲୋକଙ୍କୁ ସରକାର ପକ୍ଷପାତ କରୁଛନ୍ତି ବୋଲି ଗ୍ରାମବାସୀ କହିବା ସହ ଖାଲିଥିବା ପଦରେ ପଛୁଆ ବର୍ଗର ମହିଳାଙ୍କୁ ନିଯୁକ୍ତି ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ, ଉପଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି। ସରକାରଙ୍କ ଯେଉଁ ନିୟମ ରହିଛି ସେଥିରେ ସେମାନେ କିଛି କରିପାରିବେନି ବୋଲି ଉପଜିଲାପାଳ ଦିଲ୍ଲୀପ ମହାରଣା କହିଛନ୍ତି।

# କରପଡ଼ା ସୁନା, ରୁପା ଚୋରି ଘଟଣା, ୮ ଗିରଫ

ଗଞ୍ଜାମ,୧୧।୮(ଡି.ଏନ.ଏ.)



ଖବରଦାତା ସମ୍ମିଳନୀ ଓ ଗିରଫ ଅଭିଯୁକ୍ତମାନେ ।

କରପଡା ଗ୍ରାମର ବୃନ୍ଦାବନ ଚାର୍ଚ୍ଚଙ୍କ ଘରୁ ଗତ ୨୮ରେ ୨୧ ଭରି ସୁନା, ୧୦୦ ଭରି ରୁପା ସହ ନଗଦ ଦଶ ହଜାର ଟଙ୍କା ଚୋରି ହୋଇଥିବା ନେଇ ଗଞ୍ଜାମ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ.୧୧୨/୨୧ ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସୋମବାର ସୁନା କିଣିଥିବା ଦୁଇ ଜଣ ବ୍ୟକ୍ତିଙ୍କ ସମେତ ୮ ଜଣଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଖବରଦାତା ସମ୍ମିଳନୀରେ ମଙ୍ଗଳବାର ଡିଏସପି ଶ୍ୟାମ ସୁନ୍ଦର ମହାପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ସଦର ଥାନା କୃପାସିନ୍ଧୁପୁର ଶାସନର ଆର.ସନ୍ତୋଷ, ଆର.ବିନେସ, ଟି.ବାଙ୍ଗରା, କବିସୂର୍ଯ୍ୟନଗର ବାଣନଈ ଖରିଡ଼ା ଗ୍ରାମର କୈବଲ୍ୟ ପାତ୍ର, ବ୍ରହ୍ମପୁର ସଦର ଥାନା ଜଗଦଳପୁର ଗ୍ରାମର ଏସ.ବିଜୟ ଓ କୋଦଳା ଥାନା ଉପ୍ତଲିର ଭିକାରି ସାହୁ ଏବଂ ଖଲ୍ଲିକୋଟ ଥାନା ଭେଜିପୁଟ ନୂଆ ସାହିର ବିଷ୍ଣୁ ସାହୁ ଓ ଡ୍ରାଇଭର ଟି.ଭିକାରୀ। ଏହାର ମାଷ୍ଟରମାଇଣ୍ଡ କୈବଲ୍ୟ ପାତ୍ର। ସେମାନଙ୍କଠାରୁ ୧୭୪ ଗ୍ରାମ ସୁନା, ୯୯.୬ ଗ୍ରାମ ରୁପା ସହ ବ୍ୟବହୃତ ଶାବଳ, ସ୍କୁ ଅଲଟୋ କାର ଓ ଗୋଟିଏ ବାଇକ ଜବତ ଗଞ୍ଜାମ ଥାନା ପୋଲିସ କରିଛି । ପୋଲିସର ସୂଚନା ଅନୁଯାୟୀ, କରପଡା ଗ୍ରାମର ଚୋରି ଦିନ ଅଭିଯୁକ୍ତମାନେ ରାମଚଣ୍ଡୀ ମନ୍ଦିର ପାଖରେ ଗାଡି ରଖି ବିଲମାଳ ଦେଇ ବୃନ୍ଦାବନଙ୍କ ଘରେ ପଶି ଚୋରି କରଥିଲେ। ପରେ ଚୋରି ସୁନା ରୁପା କୋଦଳାର ଯୋଗୀ ସାହୁ ଓ ବିଷ୍ଣୁ ସାହୁଙ୍କୁ ବିକ୍ରି କରିଥିଲେ। ବର୍ତ୍ତମାନ ଯୋଗୀ ଫେରାର ଅଛି। ଶୀଘ୍ର ତାଙ୍କୁ ଧରାଯିବ ବୋଲି ଗଞ୍ଜାମ ଆଇଆଇସି ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ସମ୍ମିଳନୀରେ ଡିଏସପିଙ୍କ ସମେତ ତଦନ୍ତକାରୀ ଏସଆଇ ଅଜିତ କୁମାର ପରିଡା, ଚମାଖଣ୍ଡି ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ଏସଆଇ ତ୍ରିନାଥ ପଟ୍ଟନାୟକ, ନାରାୟଣ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସରେ ଯୋଗଦେଲେ ବ୍ଲକ ଉପାଧ୍ୟକ୍ଷ

ଦାରିଙ୍ଗବାଡ଼ି,୧୧।୮(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଡୁଲୁରି ପାଇନବଣଠାରେ ବୁଧବାର ମିଶ୍ରଣ ପର୍ବ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆରସିଂ କଂଗ୍ରେସରେ ଯୋଗଦାନ କରିଥିବା ବେଳେ ବିଭିନ୍ନ ପଞ୍ଚାୟତର ୯୪ ଜଣ କର୍ମୀ କଂଗ୍ରେସରେ ଯୋଗଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ସଭାପତି ଅନାମ ନାୟକ ଅଧକ୍ଷତା କରାଥିଲେ। ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ବିସ୍ମୟ ମହାପାତ୍ର, ବ୍ଲକ ଅଧକ୍ଷା ରୁଦା ମଲିକ, ଏଆଇସିସି ସଦସ୍ୟ ଘନ କୁମାର ଶବର, ବ୍ଲକ ସଭାପତି ପ୍ରଦୀପ ନାୟକ, କନ୍ଧମାଳ ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀ, ବିଧାୟକ ପ୍ରାର୍ଥୀ ଶ୍ୟାମଘନ ପ୍ରଧାନ, ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ପ୍ରଶାନ୍ତ କୁମାର ବିଶୋଇ, ଜିଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପ୍ରଧାନ ଓ ଦୀପିକା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଚରରେ ପରିଣତ ହେଲାଣି ଚାଷଜମି

ଚିକିଟି,୧୧।୮(ଡି.ଏନ.ଏ.)

ଚିକିଟି ବ୍ଲକ୍ ଅନ୍ତର୍ଗତ ୧୭ ପଞ୍ଚାୟତର ଅଧିକାଂଶ ଗ୍ରାମାଞ୍ଚଳରେ ଚଳିତବର୍ଷ ବର୍ଷା ଅଭାବରୁ ଖରିଫ ଋତୁରେ ଜମିଗୁଡିକ ଗୋଚର ଜମିରେ ପରିଣତ ହୋଇଗଲାଣି। କେତେକ ଅଞ୍ଚଳରେ ଜମି ଶୁଖି ଫାଟିଯାଇଛି ତ ଆଉ କେତେକ ଅଞ୍ଚଳରେ ଧାନ ତଳି ପୋଡି ଯାଇଥିବାରୁ ବିଲରେ ଗୋରୁ ଚରୁଥିବା ଦେଖିବାକୁ ମିଳୁଛି । ମରୁଡି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ବିଭିନ୍ନ ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ବ୍ଲକ୍‌ର ୯୭୬୦ ହେକ୍ଟର ଚାଷଜମି ରହିଥିବା ବେଳେ ସେଥିରୁ ୮୧୩୭ ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଛି । ଆଉ ବଳକା ୧୬୨୩ ହେକ୍ଟର ଜମି ସମ୍ପୂର୍ଣ୍ଣ ରୂପେ ବର୍ଷା ଉପରେ ନିର୍ଭରଶୀଳ। ଜୁଲାଇ ମାସରେ କିମ୍ବା ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ବର୍ଷା ନ ହେବାରୁ ସେହି ଜମି ଶୁଖି ଯାଇଛି। ବାଘଲଟି କେନାଲ ଦ୍ୱାରା ଚାନ୍ଦପୁର ପଞ୍ଚାୟତର ଚାନ୍ଦପୁର, ଦେଉଳିଆପଡା, ବାଦୁଆ, ବାତରଡା, ବଳରାମପୁର, ସୁନ୍ଦରଡା, ବେଲପନ୍ତ, ବୈଦ୍ୟନାଳଶାସନ ଆଦି ଅଞ୍ଚଳ ଜଳସେଚନର ବ୍ୟବସ୍ଥା ରହିଛି ତେବେ ଏହି ସବୁ ଅଞ୍ଚଳକୁ ଠିକ୍ ଭାବେ ପାଣି ଛଡା ଯାଉନଥିବା ଅଭିଯୋଗ ହେଉଛି ଲାଲମେଣ୍ଟା, କୁଲିଙ୍ଗ୍, ରାମଚନ୍ଦ୍ରପୁର, ପିତାତଳି, କଳବାଡ ଆଦି ଅଞ୍ଚଳ ପାଇଁ ଚାଷୀ ବାହୁଦା କେନାଲ ଉପରେ ନିର୍ଭର କରୁଥିଲେ ହେଁ ତାହା ଆବଶ୍ୟକତା ମେଣ୍ଟାଇପାରୁନି। ଏହି ପରିପ୍ରେକ୍ଷୀରେ ଚିକିଟି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଅଞ୍ଚଳ ଘୋଷଣା କରାଯାଉ ବୋଲି ଚାଷୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଓଡିଶାର ପୂର୍ବତନବାଚସ୍ପତିଚିନ୍ତାମଣିଦ୍ୟାନସାମନ୍ତରାଙ୍କ ସହ ଯୋଗାଯୋଗ ବେଳେ ଚିକିଟି ନିର୍ବାଚନମଣ୍ଡଳୀରେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି । ବିଜେଡି ସରକାରର ଦୀର୍ଘ ୨୦ବର୍ଷ ମଧ୍ୟରେ ଚିକିଟି ନିର୍ବାଚନମଣ୍ଡଳୀରେ ଗୋଟିଏ ହେଲେ ନୂଆ ମଧ୍ୟମ ଓ କ୍ଷୁଦ୍ରଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇନାହିଁ। ପୂର୍ବରୁ ଆରମ୍ଭ ହୋଇଥିବା ବାଘଲଟି ଓ ବାହୁଦା ପ୍ରକଳ୍ପ ଏବି ବି ଅସମ୍ପୂର୍ଣ୍ଣ ରହିଛି ବୋଲି ଅଭିଯୋଗ କରିଛନ୍ତି । ସେଚ ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିବାରୁ ଚାଷୀଙ୍କୁ ଲଘୁଚାପ ବର୍ଷା ଉପରେ ନିର୍ଭର କରିବାକୁ ପଡୁଛି । ଏଣୁ ଚିକିଟି ନିର୍ବାଚନମଣ୍ଡଳୀକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି କରିଛନ୍ତି । ଏ ସମ୍ପର୍କରେ ଚାନ୍ଦପୁର ଅଞ୍ଚଳର ବରିଷ୍ଠ ଚାଷୀ ତଥା ଆଇନଜୀବୀ ସଦାନନ୍ଦ ପରମଗୁରୁ କହିଛନ୍ତି, ପ୍ରଶାସନିକ ସ୍ତରରେ ଇଚ୍ଛାଶକ୍ତିର ଅଭାବ ଯୋଗୁ ଚଳିତବର୍ଷ ଚିକିଟି ବ୍ଲକ୍‌ରେ ମରୁଡ଼ି ପରିସ୍ଥିତ ସୃଷ୍ଟି ହୋଇଛି। ସ୍ଥାୟୀ ଜଳସେଚନର ରୂପରେଖ ନଥିବାରୁ ଏବଂ ବାହୁଦା ଆନିକଟ ଉପର ମୁଣ୍ଡରେ ମେଗା ଇରିଗେଶନ୍ ପ୍ରୋଜେକ୍ଟ ହୋଇଥିବାରୁ ତଳ ଚାଷୀମାନଙ୍କ ଚାଷ କରିବାରେ ବ୍ୟାଘାତ ସୃଷ୍ଟି ହେବା ସଙ୍ଗେ ଧାନତଳି ପୋଡିଗଲାଣି। ଯଦି ଆସନ୍ତା ସପ୍ତାହ ମଧ୍ୟରେ ବର୍ଷା ନ ହୁଏ ତାହାହେଲେ ସମ୍ପୂର୍ଣ୍ଣ ମରୁଡି ହୋଇଯିବାର ଆଶଙ୍କା ରହିଛି।

## ସଂକ୍ଷେପରେ

### ପୁଣି ୬ କରୋନା ଆକ୍ରାନ୍ତ ମୃତ

**ନୟାଗଡ଼ ଅଫିସ,୧୧।୮:** ନୟାଗଡ଼ ଜିଲାରେ କରୋନାରେ ପୁଣି ୬ଜଣଙ୍କ ମୃତ୍ୟୁ ଓ ୨୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ତଥ୍ୟ ଅନୁଯାୟୀ, ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୮୯୫ ରେ ପହଞ୍ଚିଛି । ବୁଧବାର ରିପୋର୍ଟରେ ଭାପୁର ବ୍ଲକରେ ୧, ଦଶପଲ୍ଲା ବ୍ଲକରେ ୨, ଖଣ୍ଡପଡ଼ା ବ୍ଲକରେ ୧, ନୟାଗଡ଼ ବ୍ଲକରେ ୧୦, ନୂଆଗାଁ ବ୍ଲକରେ ୨, ଓଡ଼ଗାଁ ବ୍ଲକରେ ୪, ରଣପୁର ବ୍ଲକ୍‌ରେ ୪ ଓ ନୟାଗଡ଼ ପୌରାଞ୍ଚଳରେ ୨ଜଣ ଅଛନ୍ତି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୬୪ ଜୀବନ ନେଇସାରିଛି ।

### ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ନିଷ୍ପତ୍ତିକୁ ସ୍ୱାଗତ

**ଖଣ୍ଡପଡ଼ା,୧୧।୮(ସ୍ୱ.ପ୍ର.):** କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଖଣ୍ଡପଡ଼ାରେ ନିର୍ମାଣ ହେବ ଇଣ୍ଡୋର ଷ୍ଟାଡିୟମ । ଏ ନେଇ ରାଜ୍ୟ ସରକାର ଅନୁଦାନ ଅର୍ଥ ଯୋଗାଇ ଦେବେ ବୋଲି ଘୋଷଣା କରିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଖଣ୍ଡପଡ଼ା ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ଫୁଟବଲ ଆସୋସିଏଶନର ସଦସ୍ୟଙ୍କ ସମେତ କ୍ରୀଡ଼ାପ୍ରେମୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ନୟାଗଡ଼ ଅଫିସ,୧୧।୮:** ଚାନ୍ଦପୁର ଥାନା ପୋଲିସ ରାଇପଡ଼ା ଗାଁ ନିକଟରୁ ଏକ କାରରୁ ୧ କୁଇଣ୍ଟାଲ ଗଞ୍ଜେଇ ଓ ୯୫ ହଜାର ଟଙ୍କା ଜବତ କରିଛି । ଜବତ ଗଞ୍ଜେଇର ଦାମ ୧୯ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ରାଉତପଡା ଗାଁର ଅର୍ଜୁନ କୁମାର ଜେନାଙ୍କ ସହ ଅନ୍ୟ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ୨ ଅଭିଯୁକ୍ତଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି ।

### ମହିଳା ନିଖୋଜ: ବାପ ଘର ଲୋକ ଆଣିଲେ ହତ୍ୟା ଅଭିଯୋଗ

**ନୟାଗଡ଼ ଅଫିସ,୧୧।୮:** ଶରଣକୁଳ ଥାନା ଶରଣକୁଳର ନାରାୟଣ ସାହୁଙ୍କ ସ୍ତ୍ରୀ ଜୀବିତ କି ମୃତ ଜଣାପଡୁନି । ଶ୍ୱଶୁର ଘର ପକ୍ଷରୁ ନିଖୋଜ ନେଇ ଅଭିଯୋଗ ହୋଇଥିବାବେଳେ ବାପ ଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି । ଶରଣକୁଳ ଥାନା ପୋଲିସ ଏକ ମାମଲା(ନଂ.୯୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଗତ ଜୁନ ୫ରେ ନାରାୟଣ ସାହୁ ଗୋଡିମଡାର ରୋଜାଲିନି ସାହୁ(୨୦)ଙ୍କୁ ବିବାହ କରିଥିଲେ। ଗତ ରବିବାର ରୋଜାଲିନ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି ।

### ପ୍ରେମ ପରେ ପ୍ରତାରଣା ଘଟଣା ନ୍ୟାୟ ପାଇଲେନି ସୁରଟ ଯୁବତୀ, ହସ୍ପିଟାଲରେ ଭର୍ତ୍ତି

**ଛତ୍ରପୁର,୧୧।୮(ଡି.ଏନ.ଏ):** ପ୍ରେମ ପରେ ପ୍ରତାରିତ ହୋଇଥିବା ଜଣେ ଯୁବତୀ ନ୍ୟାୟ ପାଇଁ ସୁରଟରୁ ଗଞ୍ଜାମ ଜିଲାକୁ ଆସିଛନ୍ତି। ୨୦ ଦିନରୁ ଉର୍ଦ୍ଧ୍ୱ ବିତିଥିଲେ ସୁଦ୍ଧା ତାଙ୍କୁ ନ୍ୟାୟ ମିଳି ନ ଥିବାରୁ ନିରାଶ ହୋଇପଡିଛନ୍ତି। ଯୁବତୀ ଜଣକ ବୁଧବାର ଅସୁସ୍ଥ ହୋଇ ଛତ୍ରପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଗଞ୍ଜାମ ପୋଲିସ ନ୍ୟାୟ ଦେବା ପାଇଁ ପଛଘୁଞ୍ଚା ଦେଉଥିବା ସେ କହିଛନ୍ତି। କବିସୂର୍ଯ୍ୟନଗର ଥାନା ବଡଆଗୁଲା ଗ୍ରାମର ଅରେନ୍ଦ୍ର କରଣ ସୁରଟରେ କାମ କରିବାକୁ ଯିବା ବେଳେ ସମ୍ପୃକ୍ତ ଯୁବତୀଙ୍କ ସହ ପ୍ରେମ ସଂପର୍କ ରଖିଥିଲେ।

# ତଦନ୍ତକୁ ବାଟବଣା କରିବାକୁ ଉଦ୍ୟମ

**ଗର୍ଭାଶୟ ଅପସାରଣ ପାଇଁ ଟଙ୍କା ଦାବି ଘଟଣା**

- ଦେଢ଼ ଘଣ୍ଟା ଅପେକ୍ଷା ସତ୍ତ୍ୱେ ଶୁଣିଲେନି ଅଭିଯୋଗ
- ଘରକୁ ଫେରିବା ପରେ ପୁଣି ଆସିବାକୁ କହିଲେ
- ତଦନ୍ତକୁ ନେଇ ଉଠିଲା ପ୍ରଶ୍ନ

**ନୟାଗଡ଼ ଅଫିସ,୧୧।୮**

ଗର୍ଭାଶୟ ଅପସାରଣ ପାଇଁ ଟଙ୍କା ଦାବି ଘଟଣାର ତଦନ୍ତ ବୁଧବାର ଆରମ୍ଭ ହୋଇଛି । ତେବେ ତଦନ୍ତର ପ୍ରଥମ ଦିବସରେ ଅଭିଯୋଗକାରୀଙ୍କୁ ଅପେକ୍ଷା କରିବାକୁ କହି ତଦନ୍ତକାରୀ ଅଫିସର ଧରାଛୁଆଁ ଦେଇନାହାନ୍ତି । ଦେଢ଼ ଘଣ୍ଟାର ଅପେକ୍ଷା ପରେ ଅଭିଯୋଗକାରୀ ଘରକୁ ଫେରି ଆସିଥିଲେ । ଘରକୁ ଆସିବାର କିଛି ସମୟ ପରେ ତଦନ୍ତକାରୀ ଅଧିକାରୀ ଫୋନ କରି ଆସନ୍ତୁ ତଦନ୍ତ କରାଯିବ ବୋଲି କହିଥିଲେ । ହେଲେ ନୟାଗଡ଼ଠାରୁ ଗାଁର ଦୂରତା ୨୦ କିମି ହୋଇଥିବାରୁ ବୁଧବାର ଆଉ ଯିବା ସମ୍ଭବ ନୁହେଁ ବୋଲି ଅଭିଯୋଗକାରୀ ଦର୍ଶାଇ ଥିଲେ । ଏଣୁ ତଦନ୍ତ ପ୍ରଥମରୁ ବାଟବଣା ହୋଇଛି । ତଦନ୍ତକାରୀ ଅଧିକାରୀଙ୍କ ତଦନ୍ତ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଘଟଣାକୁ ଚାପି ଦେବାକୁ ପ୍ରୟାସ କରାଯାଉଥିବା ଅଭିଯୋଗକାରୀ ରମେଶ ନାୟକ କହିଛନ୍ତି ।

ଏନେଇ ରମେଶ ନାୟକ କୁହନ୍ତି, ମାଆ ଘରୋଇ ଡାକ୍ତରଖାନାରେ ଅପରେଶନ ହୋଇ ଚିକିତ୍ସାଧୀନ ଅଛି। ଏଣୁ ମୁଁ ପକ୍ଷ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି । ସାଙ୍ଗରେ ରେଡକ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନ ଭଲ୍ୟୁଣ୍ଟାରୀ ଫୋରମ ବିଭୂତି ପଟ୍ଟନାୟକ ଥିଲେ। ଆମ୍ଭେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ ପାଖକୁ ଯାଇ ତଦନ୍ତ ସମ୍ପର୍କରେ ଡକାଯାଇଥିବା କହିଥିଲୁ । ପରେ ସିଡିଏମ୍‌ଓଙ୍କଠାରୁ ସୂଚନା ପାଇ ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ତାରକା ପ୍ରସାଦ ତ୍ରିପାଠୀଙ୍କୁ ଭେଟିଥିଲୁ। ତଦନ୍ତକାରୀ ଅଧିକାରୀ କହିଥିଲେ, ୨ ଡାକ୍ତର ଆସିବା ପରେ ତଦନ୍ତ ଆରମ୍ଭ ହେବ । ଏଣୁ ଆମକୁ ଅପେକ୍ଷା କରିବାକୁ ତଦନ୍ତକାରୀ ଅଧିକାରୀ ପରାମର୍ଶ ଦେଇଥିଲେ । ହେଲେ ଦେଢ଼ ଘଣ୍ଟା ଅପେକ୍ଷା ପରେ ଅଭିଯୋଗ ଶୁଣିବାକୁ ଡାକିଲେ ନାହିଁ । ବହୁ ସମୟ ଅପେକ୍ଷା ପରେ ତଦନ୍ତକାରୀ ଅଧିକାରୀଙ୍କ ସହ ଭେଟ କରିବାକୁ ଚେଷ୍ଟା କରି ଆମେ ବିଫଳ ହୋଇ ଘରକୁ ଫେରିଥିଲୁ । ଘରେ ପହଞ୍ଚିବା ପରେ ପୁଣି ଫୋନ କରି ଡକାଇଥିଲେ ବୋଲି ସେ କହିଛନ୍ତି । ରେଡକ୍ରସ ଫୋରମର ବିଭୂତି ପଟ୍ଟନାୟକ କୁହନ୍ତି, ଜଣେ ରୋଗୀ ଅପରେଶନ ହେବା ପାଇଁ ବାରମ୍ବାର ନେହୁରା ହେଲା। ସିଡିଏମ୍‌ଓଙ୍କୁ ଅଭିଯୋଗ କଲା । ଜିଲାପାଳଙ୍କୁ ଲେଖି ଅଭିଯୋଗ କଲା । ହେଲେ ତାଙ୍କର ଅପରେଶନ କରାଗଲା ନାହିଁ । ଏବେ ତଦନ୍ତ ପ୍ରାରମ୍ଭରୁ ଚାପିକୁ ଆରମ୍ଭ ହେଲାଣି ପ୍ରୟାସ । ଆମ୍ଭକୁ କୁହାଯାଉଛି ଚୁପ ହୋଇ ଯାଆନ୍ତୁ ଘଟଣାର ରଫାଦଫା କରିଦେବା । ଯେଉଁଠି ଗରୀବ ଲୋକକୁ ଅପରେଶନ ହେବାକୁ ଲାଞ୍ଚ ମଗାଯାଉଛି ସେଠାରେ ସମାଧାନ ଉଠିଲା କେଉଁଠୁ । ଯେଉଁ ଡାକ୍ତର ଲାଞ୍ଚ ମାଗିଛନ୍ତି ଓ ରୋଗୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଚିକିତ୍ସାଳୟରୁ ଅପମାନିତ କରି ତଡି ଯାଇଛି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ପୁଣି ତଦନ୍ତରେ ସ୍ୱଚ୍ଛତା ରହୁ । ନ ହେଲେ ଏହା ଆନ୍ଦୋଳନର ରୂପ ନେବ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ, ଗୋଡିପଡା ଜାଗ୍ରୀ ଖଇରପଟି ଗାଁର କାଲୁ ନାୟକଙ୍କ ସ୍ତ୍ରୀ ଭାସି(୫୫)ଙ୍କ ଗର୍ଭାଶୟରେ ଯନ୍ତ୍ରଣା ହୋଇଥିଲା । ରୋଗର ଉପଶମ ପାଇଁ ଭାସିଙ୍କ ପୁଅ ମା'ଙ୍କୁ ନେଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ବିଭିନ୍ନ ପରୀକ୍ଷା କରାଯାଇଥିଲା । ଜୁଲାଇ ୨୯ରେ ଡାକ୍ତର କିଛି ଔଷଧ ଲେଖିଥିଲେ । ଡାକ୍ତରଖାନା ବାହାରେ ଥିବା ଦୋକାନରୁ ଔଷଧ କିଣି ପୁଅ ମା'ଙ୍କୁ ଖୁଆଇଲେ । ଜୁଲାଇ ୩୦ରେ ଗର୍ଭାଶୟ ଅପସାରଣ ପାଇଁ ଅସ୍ତ୍ରୋପଚାର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭାସି ଆସିଥିଲେ । ହେଲେ ଡାକ୍ତରଙ୍କୁ ଲାଞ୍ଚ ନ ଦେବାରୁ ତାଙ୍କୁ ହଇରାଣ ହରକତ କରାଗଲା । ତାଙ୍କୁ ଅପରେଶନ କରା ନ ଯାଇ ଚିକିତ୍ସାଳୟରୁ ଅପମାନିତ କରି ତଡି ଦିଆଗଲା । ସିଡିଏମ୍‌ଓଙ୍କ ନିର୍ଦ୍ଦେଶ ପରେ ବି ତାଙ୍କୁ ଆଉ ଥରେ ଆଡିମିଶନ କରାଇ ଦିଆଗଲା ନାହିଁ । ଏବେ ସେ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି ।

## ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଦାବିପତ୍ର

**ଫୁଲବାଣୀ ଅଫିସ, ୧୧।୮**

କନ୍ଧମାଳ ଜିଲା ଭାଜପା ଅନୁସୂଚିତ ଜାତି (ଏସ୍‌ସି) ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ମୋର୍ଚ୍ଚା ସଭାପତି ଅନନ୍ତ କୁମାର ଦିଗାଲଙ୍କ ନେତୃତ୍ୱରେ ଏକ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲା। ସେଠାରେ ପ୍ରତିବାଦ ସଭାରେ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଦଳିତ ପରିବାର ଉପରେ ଯେଉଁଳି ମରଣାନ୍ତକ ଆକ୍ରମଣ କରାଗଲା ତାହା ନିନ୍ଦନୀୟ। ପୋଲିସ ଏଯାଏ କାହାକୁ ଗିରଫ କରିନାହିଁ। ଏହାକୁ ନେଇ ମୋର୍ଚ୍ଚା ପ୍ରଭାରୀ ସୁକାନ୍ତ ଦାସ, ରାଜ୍ୟକାରିଣୀ ସଦସ୍ୟ ଭଗବାନ ମହାନ୍ତି, ଲିଙ୍ଗରାଜ ଦଳବେହେରା, ଦେବନାରାୟଣ ପ୍ରଧାନ, ଜିଲା ଉପ ସଭାପତି ରମେଶ ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଲୁଲୁ ବେହେରା, ସମ୍ପାଦକ ଦେବରାଜ ମୁଖି, ଯୁବ ମୋର୍ଚ୍ଚା ସଭାପତି ଗୋଲକ ବିହାରୀ କହଁର, ସଂଯୋଜକ ଜଗନ୍ନାଥ ସାହୁ ପ୍ରମୁଖ ରାଲିରେ କରିଥିଲେ।

# ଚାଷଜମିକୁ ମାଡୁ ନାହିଁ କେନାଲ ପାଣି



ଶୁଖିଲା ପଡ଼ିଛି ଚାଷଜମି ।

**ଦଶପଲ୍ଲା,୧୧।୮(ଡି.ଏନ.ଏ.)**

କେନାଲ ଉପରେ ପୋଖରୀ ଖୋଳାଯିବା ଯୋଗୁ ଚାଷ ଜମିକୁ ପାଣି ମାଡୁ ନାହିଁ । ଫଳରେ ଶତାଧିକ ଏକର ଜମି ପଡ଼ିଆ ପଡିଛି । ଚାଷ କାମରେ ବାଧା ସୃଷ୍ଟି ହୋଇଛି । ଦଶପଲ୍ଲା ବ୍ଲକର ଖମାର ସାହି ପଞ୍ଚାୟତ ଅନ୍ତର୍ଗତ ପାଇକ ବାଘୁଆ କେରେଣୀ ଅଞ୍ଚଳରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

ସୂଚନା ଅନୁଯାୟୀ, ଆଜକୁ ୫୦ ବର୍ଷ ହେଲା ୫୭ନଂ. ଜାତୀୟ ରାଜପଥଠାରୁ ୩ କିଲୋମିଟର ଦୂରରେ ଅବସ୍ଥିତ ସାରେଣିଗଣ୍ଡାକୁ ବିଭାଜିତ କରୁଥିବା କୁଆଁରିଆ ମୁଖ୍ୟ କେନାଲର ପୂର୍ବପାର୍ଶ୍ୱ ୧୦୦ ମିଟର ଦୂରରେ ଅବସ୍ଥିତ ନାଳି କେନାଲ ଦେଇ ପାଇକ ବାଘୁଆ ବେରେଣୀ ଗ୍ରାମର ପ୍ରାୟ ୭୦ଏକରରୁ ଉର୍ଦ୍ଧ୍ୱ ଜମିକୁ ପାଣି ମାଡୁଥିଲା । ଉକ୍ତ କେନାଲ ୮ନଂ. ପାଣି ପଞ୍ଚାୟତ ଅଧୀନରେ ରହିଛି। ଏଥିପାଇଁ ପ୍ରତିବର୍ଷ ଚାଷଙ୍କଠାରୁ ଜଳକର ଆଦାୟ କରାଯାଉଛି । କିନ୍ତୁ ଦୁଃଖର ବିଷୟ ଜଣେ ବ୍ୟକ୍ତି ସେହି କେନାଲ ଉପରେ ପୋଖରୀ ଖୋଳାଇଛନ୍ତି । ଫଳରେ ଉକ୍ତ କେନାଲ ଦେଇ ପାଣି ଆଉ ଜମିକୁ ମାଡୁନାହିଁ । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି । ଏ ସମ୍ପର୍କରେ ଗ୍ରାମର ଚାଷୀ ଚଣ୍ଡାଳ ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ କୁଆଁରିଆ ଜଳ ସେଚନ ବିଭାଗ ଏବଂ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଚାଷୀମାନେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ପ୍ରଧାନ ଚେତାବନୀ ଦେଇଛନ୍ତି ।

## ଫାଷ୍ଟ ଗେଟ୍‌ରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ଦାବି

**ନଗର କଂଗ୍ରେସର ବିଏମ୍‌ସିକୁ ଦାବିପତ୍ର**

**ବ୍ରହ୍ମପୁର ଅଫିସ,୧୧।୮**

ବ୍ରହ୍ମପୁର ସହରରେ ଥିବା ବହୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅବହେଳିତ ହୋଇ ରହିଛି। ଏହାର ଠିକ୍ ରକ୍ଷଣାବେକ୍ଷଣ ଓ ମରାମତି ଦାବିରେ ବୁଧବାର ବ୍ରହ୍ମପୁର ନଗର କଂଗ୍ରେସ କମିଟି ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଏମ୍‌ସି କମିଶନରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ସହରର ଫାଷ୍ଟ ଗେଟ୍‌ଠାରେ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରହିଥିଲା । କିନ୍ତୁ ରାସ୍ତା ମରାମତି, ସମ୍ପ୍ରସାରଣ ଆଳରେ ତାକୁ ଉଠାଇ ଦିଆଯାଇଛି। ଏଣୁ ଏହାକୁ ପୁନଃ ସ୍ଥାପନ ପାଇଁ କଂଗ୍ରେସ ଦାବି କରିଛି। ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ସ୍ୱାଧୀନତା ଦିବସର ଠିକ୍ ପୂର୍ବରୁ ରଙ୍ଗ ଦେବା ସହ ଗୁରୁତ୍ୱପୂର୍ଣ୍ଣ ଦିବସଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି। କିନ୍ତୁ ବିଏମ୍‌ସି ଏହାର ରକ୍ଷଣାବେକ୍ଷଣ କ୍ଷେତ୍ରରେ କୌଣସି ପଦକ୍ଷେପ ନେଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଦାବିପତ୍ର ପ୍ରଦାନ ସମୟରେ ନଗର କଂଗ୍ରେସ କମିଟି ସଭାପତି ସୁଜୟ କୁମାର ଆଚାର୍ଯ୍ୟଙ୍କ ସମେତ ସୁଜିତ କୁମାର ଦାଶ, ପ୍ରଦୀପ କୁମାର ପଣ୍ଡା, ଗାଙ୍ଗୁଲି ମୁଖୀ, ବିଜୟ ପଣ୍ଡା ଓ ମୁରଲୀଧର ଶତପଥୀପ୍ରମୁଖ ଉପସ୍ଥିତ ଥିଲେ।

## ଅନାବନା ଗଛରେ ଲୁଚିଗଲାଣି ଷ୍ଟାଣ୍ଡପୋଷ୍ଟ

**ଖଣ୍ଡପଡ଼ା,୧୧।୮ (ସ୍ୱ.ପ୍ର.)**



ଅନାବନା ଗଛ ଭିତରେ ଷ୍ଟାଣ୍ଡପୋଷ୍ଟ ।

ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତର ପ୍ରତି ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା। ମାଟିତଳେ ପାଇପ୍ ଲାଇନ୍ ବିଛାଯିବା ସହ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ବାବଦରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା। ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଷ୍ଟାଣ୍ଡପୋଷ୍ଟଗୁଡ଼ିକ ଭାଙ୍ଗି ରୁଜି ଯାଇଛି । ଅଧିକାଂଶ ସ୍ଥାନରେ ଅନାବନା ଗଛଲତାରେ ଷ୍ଟାଣ୍ଡପୋଷ୍ଟଗୁଡ଼ିକ ଲୁଚି ଯାଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ପଞ୍ଚାୟତ କର୍ମଚାରୀମାନେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ, ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଗ୍ରୀନ ଚାମ୍ପିୟନ ପୁରସ୍କାର ପାଇଲା ଡିଆଇଇଟି



ଡିଆଇଇଟି କର୍ମକର୍ତ୍ତାଙ୍କୁ ଗ୍ରୀନ ଚାମ୍ପିୟନ ପୁରସ୍କାର ପ୍ରଦାନ କରାଯାଉଛି ।

**ନୟାଗଡ଼ ଅଫିସ,୧୧।୮**

ନୟାଗଡ଼ ଜିଲା ରଣପୁର ବ୍ଲକର ରାଜସୁନାଖଳାସ୍ଥିତ ଡିଆଇଇଟି ସ୍ୱଚ୍ଛତା କାର୍ଯ୍ୟକାରିତା ଅଭିଯାନରେ ଗ୍ରୀନ ଚାମ୍ପିୟନ ପୁରସ୍କାର ପାଇ ଜିଲା ପାଇଁ ଗୌରବ ସାଉଁଟିବାରେ ସଫଳ ହୋଇଛି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଉଚ୍ଚ ଶିକ୍ଷା ବିଭାଗର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ଶିକ୍ଷା ପରିଷଦ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକାରିତା ଅଭିଯାନରେ ଡିଆଇଇଟି ସାମିଲ ହୋଇଥିଲା । ଏହି ଅଭିଯାନରେ ସବୁଜ କ୍ୟାମ୍ପସ, ଜଳ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଓ ଶକ୍ତି ସଂରକ୍ଷଣ ଆଦି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଯୋଗ ଦେଇ ଡିଆଇଇଟିର ଅଧକ୍ଷା ମଞ୍ଜୁବାଳା ସାହୁଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ଜୀବନ ବିନ୍ଦୁ କାର୍ଯ୍ୟକ୍ରମ, କର୍ମୀ ସମ୍ମିଳନୀ




ବିଜେଡି କର୍ମକର୍ତ୍ତା ସମ୍ମିଳନୀରେ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ ।

**ଦଶପଲ୍ଲା,୧୧।୮(ଡି.ଏନ.ଏ.)**

ବୁଧବାର ବିଜେଡିର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ,ରକ୍ତ ଦାନ ଶିବିର ଓ କୁଆଁରିଆ ଡ୍ୟାମ୍ ପାଖରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇଥିଲେ। ଜିଲା ବିଜେଡି ସଭାପତି ତଥା ବିଧାୟକ ରମେଶ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ବିଜେଡି ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସଦାଶିବ ମିଶ୍ର ,ଏନ୍‌ଏସି ବିଜେଡି ଅଧକ୍ଷା ବବିତା ସାହୁ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଉପାଧକ୍ଷ ବସନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଯୋଜନାର ସୁଫଳ ଯେପରି ସାଧାରଣ ଲୋକମାନେ ପାଇପାରିବେ ତା'ଉପରେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ଦଳକୁ ଶକ୍ତିଶାଳୀ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା ମାମଲା ସ୍ୱାମୀ ସମେତ ୩ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୧।୮**

ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)– ୨ ସଂଘମିତ୍ରା ଶର୍ମା ଏକ ଯୌତୁକ ନିର୍ଯାତନାରୁ ମହିଳାଙ୍କ ଆତ୍ମହତ୍ୟା ମାମଲାର ବୁଧବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୩ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୋଷାଣୀନୂଆଗାଁର ସୂର୍ଯ୍ୟନାରାୟଣ ଚୌଧୁରୀ, ତାଙ୍କ ବଡ଼ ଭାଇ ଶିବଶଙ୍କର ଚୌଧୁରୀ ଓ ଭାଉଜ ସନ୍ତୋଷୀନୀ ଚୌଧୁରୀ। ହିଞ୍ଜିଳି ଥାନା ପଳାସୀଗାଁର ଦିପ୍ତୀ ସାହୁଙ୍କୁ ୨୦୧୬ ଫେବୃଆରୀ ୨୬ରେ ଗୋଷାଣୀନୂଆଗାଁର ସୂର୍ଯ୍ୟନାରାୟଣ ବିବାହ କରିଥିଲେ। ୨୦୧୭ ଫେବୃଆରୀ ୨ରେ ଦିପ୍ତୀ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହାର ୨ ଦିନ ପରେ ଦିପ୍ତୀଙ୍କ ଭାଇ ନିରାକାର ସାହୁ ତାଙ୍କ ଭଉଣୀଙ୍କୁ ଅଧିକ ଯୌତୁକ ଦାବିକରି ସ୍ୱାମୀ, ଦେଢ଼ଶୁର ଓ ଯାଆ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏଣୁ ସେ ଆତ୍ମହତ୍ୟା କରିଥିଲେ ବୋଲି ଗୋଷାଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଦଶପଲ୍ଲା,୧୧।୮(ଡି.ଏନ.ଏ.)**

ଗତ ଜୁଲାଇ ୩୦ରେ ଦଶପଲ୍ଲାର ଉପାନ୍ତ ଅଞ୍ଚଳ କୁହାଯାଉଥିବା କଳସାଖମଣ ପଞ୍ଚାୟତ ଏବଂ ନୂଆଗାଁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଜଗଦୀଶ ନାୟକ, ବାପୁଜୀ ଷଣ୍ଢ, କାଶୀନାଥ ସାହୁ, ପ୍ରମିଳା ପାତ୍ର ପ୍ରମୁଖ ପଞ୍ଚାୟତରେ ସମବାୟ ସମିତିର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଅଭିଯୋଗ କରିଥିଲେ। ଏପରି କି ମଣ୍ଡିରେ ଧାନ ବିକ୍ରି ପାଇଁ ପ୍ରକୃତ ଚାଷୀଙ୍କୁ ସୁଯୋଗ ମିଳୁନାହିଁ। ଉପଯୁକ୍ତ ଚାଷୀ ବିହନ, ସାର ଆଦି ପାଇବାରୁ ବଞ୍ଚିତ ହେଉଥିବା ଲିଖିତ ଆକାରରେ ଜଣାଇଥିଲେ। ଉକ୍ତ ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଡ.ପୋମା ଟୁଡୁ ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଅଫିସର କ'ଣ ରିପୋର୍ଟ ଦେଲେ ଆମେ ଜାଣି ପାରିନାହୁ ବୋଲି ଅଭିଯୋଗକାରୀମାନେ କହୁଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି ।

# ଓଡ଼ିଆ ଭଜନ 'ଜୟ ବୋଲ ଲଡୁବାବା' ଲୋକାର୍ପଣ

**ନୟାଗଡ଼ ଅଫିସ,୧୧।୮**

ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଶରଣକୁଳ ଲଡୁବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଭଜନ ଜୟ ବୋଲ ଲଡୁବାବା କି ବୁଧବାର ୟୁଟ୍ୟୁବ ଚ୍ୟାନେଲରେ ଲୋକାର୍ପଣ ହୋଇଛି । ଲୋକପ୍ରିୟ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଏବଂ ରବୀନ୍ଦ୍ର ତ୍ରିପାଠୀ ଏଥିରେ କଣ୍ଠଦାନ କରିଥିବା ବେଳେ ସମୀର ରଥ ଗୀତ ରଚନା କରିଛନ୍ତି। ଅଶୋକ ସାହୁ ସଙ୍ଗୀତ ପରିଚାଳନା କରିଛନ୍ତି । ଇଣ୍ଡିଆନ ମ୍ୟୁଜିକ କ୍ରିଏଶନ ପକ୍ଷରୁ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ପଣ୍ଡିତ କିଶୋର ଚନ୍ଦ୍ର କରଶର୍ମା,ସମୀର ରଥ, ସୁବାସ ନାୟକ,ବିକ୍ରମ କୁମାର ଦାସ, ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼, ପରମାନନ୍ଦ ସ୍ୱାଇଁଙ୍କ ସମେତ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ ଏବଂ ରବିନ୍ଦ୍ର ତ୍ରିପାଠୀ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଗୀତଟି ମହାପ୍ରଭୁ ଶିବଙ୍କ ମହିମା ଉପରେ ରଚନା କରାଯାଇଛି । ଏହା ଲୋକଙ୍କ ମଧ୍ୟରେ ବେଶ ଲୋକପ୍ରିୟ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।




ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

# ୫ବର୍ଷ ପୁଅର ଚିକିତ୍ସା ପାଇଁ ଟଙ୍କା ନାହିଁ

- ମୂଲ ଲାଗୁଛନ୍ତି ମା'ବାପା
- ଜନ୍ମରୁ ପୁଅର ମୂତ୍ରନଳୀ ନାହିଁ
- ନାଭି ପଟେ ଝରୁଛି ପରିସ୍ରା

**ନୂଆଗାଁ,୧୧।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲୀ ପଞ୍ଚାୟତ ବେତନଟି ଗ୍ରାମର କୁମର ଓ ରୀନା ନାୟକଙ୍କ ୨ ଝିଅ ଓ ୨ ପୁଅ । ସାନ ପୁଅ ବିମଳ (୫) ଜନ୍ମରୁ ମୂତ୍ରଜନିତ ରୋଗରେ ଆକ୍ରାନ୍ତ । ମୂତ୍ରନଳୀ ନ ଥିବାରୁ ବିମଳ ନାଭି ବାଟେ ପରିସ୍ରା କରନ୍ତି । ତାହା ପୁଣି ସ୍ୱାଭାବିକ ଭାବେ ହୁଏ ନାହିଁ। ଅନବରତ ନାଭି ଦେଇ ପରିସ୍ରା ଝରେ। ଏଥିପାଇଁ ବିମଳଙ୍କ ନାଭିଟି ସଂକ୍ରମିତ ଅବସ୍ଥାରେ ରହିଛି। ସେହି ନାଭିକୁ ଯିଏ କେହି ଦେଖନ୍ତି ଭୟରେ ଆଖି ବୁଜି ଦିଅନ୍ତି । ସବୁବେଳେ ସେଠାରୁ ଟୋପା ଟୋପା ହୋଇ ପରିସ୍ରା ଝରୁଥିବାରୁ ବିମଳ ପ୍ୟାଣ୍ଟ ପିନ୍ଧି ପାରନ୍ତି ନାହିଁ । ପାଠ ପଢି ସାଙ୍ଗମାନଙ୍କ ସହ ଖେଳକୁଦ କରିବାକୁ ତାଙ୍କର ଇଚ୍ଛାଥିଲେ ମଧ୍ୟ ରୋଗ ଏଥିପାଇଁ ବାଧକ ସାଜିଛି।



ବିମଳ ନାୟକ ।

ପର ପାଖରେ ମୂଲ ଲାଗି କୁମର ଯେତିକି ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବା କଷ୍ଟକର । ଏପରି ପରିସ୍ଥିତିରେ ପୁଅର ଚିକିତ୍ସା କିପରି ହେବ ବୋଲି ବିମଳଙ୍କ ମା' ରୀନା କହିଛନ୍ତି। ତଥାପି ଧାର କରଜ କରି, ସୁଧକୁ ଟଙ୍କା ଆଣି ପୁଅର ଚିକିତ୍ସା କରିବା ପାଇଁ କୁମର ଚେଷ୍ଟା କରିଥିଲେ । ପ୍ରଥମେ ତାଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏହାପରେ ଭୁବନେଶ୍ୱରର ବିଭିନ୍ନ ଘରୋଇ ଡାକ୍ତରଖାନାକୁ ମଧ୍ୟ ନିଆଯାଇଥିଲା । ହେଲେ ସବୁଠି ବିମଳଙ୍କ ଉଚ୍ଚତର ଚିକିତ୍ସା ଆବଶ୍ୟକ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥିଲେ । ଏଥିପାଇଁ ଲକ୍ଷାଧିକ ଟଙ୍କା ଦରକାର ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଥିଲେ । ହେଲେ ଏତେ ଟଙ୍କା କିପରି ଯୋଗାଡ଼ ହେବ ସେହି ଚିନ୍ତା ବିମଳଙ୍କ ପରିବାର ସଦସ୍ୟଙ୍କୁ ଘାରିଛି । କୁମରଙ୍କ ସହିତ ସ୍ତ୍ରୀ ରୀନା ବି ଏବେ କାମ କରିବାକୁ ଘରୁ ଗୋଡ଼ କାଢ଼ିଛନ୍ତି । ପୁଅର ଚିକିତ୍ସା ପାଇଁ ଏହି ଦମ୍ପତି ଦିନରାତି ଏକ କରିଦେଇଛନ୍ତି । ତଥାପି ଆବଶ୍ୟକ ଟଙ୍କା ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ସରକାରୀ ଓ ବେସରକାରୀ ସହାୟତା ପାଇଁ ସେମାନେ ନିବେଦନ କରିଛନ୍ତି ।